### ଅଳିଆ ଉଠାଇବାକୁ ଏସ୍‌ଏମ୍‌ସି ନାରାଜ

# ପ୍ରମୁଖ ସ୍ଥାନରେ ପଡ଼ିରହିଛି ଗଦାଗଦା ଅଳିଆ

**ସମ୍ବଲପୁର,୨୨ ।୩(ସମିସ)**

ସମ୍ବଲପୁର ମହାନଗର ନିଗମରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାକୁ ନେଇ ଜନଅସନ୍ତୋଷ ଲାଗିରହିଛି। ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସଫେଇ ପାଇଁ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। କମିସନର ବେଦଭୂଷଣ ନିଜେ ପଡ଼ା ପଡ଼ା ବୁଲି ସଫେଇ କାମର ତଦାରଖ ମଧ କରୁଛନ୍ତି। ହେଲେ ସଫେଇ ସଂସ୍ଥା ଠିକ୍ ଭାବେ କାମ କରୁ ନଥିବା ଅଭିଯୋଗ ହେଉଛି। ଠିକ୍ ଭାବରେ ସଫେଇ କରୁନଥିବା ବେଳେ ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ପଡ଼ିରହୁଛି। ସହରର ବିଭିନ୍ନ ସ୍ଥାନରେ ଗଦା ଗଦା ଅଳିଆ ପଡ଼ିରହିଛି। ସହରର ଜନ ଗହଳି ସ୍ଥାନ ଗୁଡିକରେ ଅଧିକ ମାତ୍ରାରେ ଅଳିଆ ରହୁଛି। ଫାଟକ, ଗୋଲବଜାର, ମୁଦିପଡ଼ା, ପିଏଚଡି ପଡ଼ିଆ ଏମିତି ଅନେକ ପ୍ରମୁଖସ୍ଥାନ ଗୁଡିକରେ ଅଳିଆ ପଡ଼ି ରହୁଛି।





ବିଭିନ୍ନ ଗ୍ରାମର ଜନସାଧାରଣ ପ୍ରତିଦିନ ସହର ଅଭିମୁଖେ ଆସୁଛନ୍ତି। ହେଲେ ସହରର ପ୍ରବେଶ ପଥରେ ପଡ଼ିରହିଥିବା ଅଳିଆ ଗଦା ଲୋକଙ୍କୁ ମର୍ମାହତ କରୁଛି। ପ୍ରତିଦିନ ସମଲେଇ ପ୍ରକଳ୍ପ ଦେଖିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାର ପର୍ଯ୍ୟଟକ ଆସୁଛନ୍ତି। ହେଲେ ସହରର ପ୍ରମୁଖ ସ୍ଥାନରେ ପଡ଼ିରହିଥିବା ଅଳିଆକୁ ଏସଏମସି ଠିକ ଭାବରେ ଅଳିଆ ଉଠାଉ ନଥିବା ଅଭିଯୋଗ ହୋଇଛି। ଆବର୍ଜନାରେ ପୂରି ଦୁର୍ଗନ୍ଧ ହେଉଛି। ସମ୍ବଲପୁର ମହାନଗର ନିଗମର ସଫେଇ ବିଭାଗର ଅପାରଗତା ଓ ଦାୟିତ୍ୱହୀନତା ସହର ପାଇଁ ବୋଝ ସାଜିଛି। ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ ଅଳିଆ ଉଠିପାରୁନି। ସମ୍ବଲପୁର ମହାନଗର ନିଗମ ସକାଳେ ଓଦା ଓ ସୁଖା ଅଳିଆ ନେବା ପାଇ ଗାଡ଼ି ଘରଘର ବୁଲୁଛି। ଯେଉଁ ଅଞ୍ଚଳରେ ଦୋକନ ଅଛି ସେଠାରେ ୨ ବେଳା ସକାଳେ ଓ ସନ୍ଧ୍ୟାରେ ଅଳିଆ ସଂଗ୍ରହ ପାଇ ନିୟମ ରହିଛି। କିନ୍ତୁ ସକାଳେ କିମ୍ବା ସନ୍ଧ୍ୟାରେ ଥରେ ନେଇ ଦୁଇ ଦିନ ଲେଖାଏଁ ବନ୍ଦ ରହୁଛି। ତେଣୁ ଲୋକମାନେ ବାଧ ହୋଇ ରାସ୍ତା କଡ଼ରେ ଅଳିଆ ପକାଉଛନ୍ତି। ଅଳିଆ ଆଣିବାକୁ ସ୍ୱଚ୍ଛ ସାଥୀଙ୍କୁ ନିଯୁକ୍ତ କରାଯାଇଛି। ସେମାନଙ୍କୁ ତଦାରଖ କରିବା ପାଇଁ ସୁପରଭାଇଜର ଓ ୱାର୍ଡ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ହେଲେ ସଠିକ ଭାବରେ କାମ କରୁନଥିବାରୁ ସହରରେ ଅଳିଆ ଭର୍ତ୍ତି ହୋଇଥିବା ଅଭିଯୋଗ ହୋଇଛି।



ପେଟ ପାଇଁ ଓଟ ଭରସା: ସୁଦୂର ରାଜସ୍ଥାନରୁ ସମ୍ବଲପୁର ଆସିଥିବା ଦୁଇ ଓଟ ସହ ମାଲିକ (ଫଟୋ- ନରସିଂହ)

## ଫେସ୍‌ବୁକ୍‌ରୁ ପ୍ରେମ, ପରେ ଯୌତୁକ ନିର୍ଯାତନା

**ସମ୍ବଲପୁର, ୨୨।୩(ସମିସ):** ପ୍ରଥମେ ଫେସ୍‌ବୁକରେ ସମ୍ପର୍କ। ପରେ ପ୍ରେମ ଓ କୋର୍ଟରେ ବିବାହ। ସବୁ ଠିକ ଠାକ ଚାଲିଲା। ବିବାହ ପରେ ଶଶୁର ଘର ଯିବା ପରେ ଯୌତୁକ ନିର୍ଯାତନ ଦେଇଥିଲେ। ଏଭିଳି ଅଭିଯୋଗ ଆଣିଛନ୍ତି ଯୁଯୁମୁରା ବ୍ଲକର ଜଣେ ଯୁବତୀ। ଅଭିଯୋଗକ୍ରମେ ରାୟଗଡ଼ ଜିଲ୍ଲା ଯକେଲା ଗ୍ରାମର ରାଜେଶ ଗୁପ୍ତାଙ୍କ ସହିତ ଫେସବୁକରୁ ପରିଚୟ ହୋଇଥିଲା। ପ୍ରାୟ ୬ ମାସ ଭିତରେ ସମ୍ପର୍କ ଏତେ ନିବିଡ ହୋଇଥିଲା ଯେ, ଉଭୟ ବିବାହ କରିବାକୁ ନିଷ୍ପତି ନେଇଥିଲେ। ୨୦୨୩ ଅଗଷ୍ଟ ୨୫ ତାରିଖରେ କୋର୍ଟରେ ବିବାହ କରିବା ପାଇଁ ଆବେଦନ କରିଥିଲେ। ଅକ୍ଟୋବର ୩ ତାରିଖ କୋର୍ଟରେ ବିବାହ କରି ଦୁହେଁ ଏକାଠି ରହିଲେ। ହେଲେ ରାଜେଶ ତାଙ୍କ ଘରକୁ ଯାଇଥିଲେ। କିଛି ଦିନ ପରେ ମୋ ସହିତ ଫୋନ କିମ୍ବା ଅନ୍ୟାନ ଯୋଗାଯୋଗ ବନ୍ଦ କରିଦେଲେ। ସନ୍ଦେହ କରି ତାଙ୍କ ଗ୍ରାମକୁ ଯାଇଥିଲେ। ସେଠାରେ ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତରେ ଏକ ସଭା ହୋଇଥିଲା। ଏହିସଭାରେ ରାଜେଶ କାର, ଜମି, ଟଙ୍କା, ସୁନା ଅଳଙ୍କାର ଯୌତୁକ ଆଣିବା ପରେ ଘରୁକ ପୁରାଇ ଦେବୁ ବୋଲି କହିଥିଲେ। ତାଙ୍କ ପରିବାର ମଧ ରାଜେଶଙ୍କୁ ସମର୍ଥନ କରି ଯୌତୁକ ଆଣିବା ପାଇଁ କହିଥିଲେ। ଏବେ ରାଜେଶ ମୋତେ ଛାଡି ଅନ୍ୟତ୍ର ରହୁଛନ୍ତି। ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଛନ୍ତି।

## ବନ୍ଧୁକ ଦେଖାଇ ଘରୁ ତଡ଼ିଦେଲେ ସ୍ୱାମୀ

**ସମ୍ବଲପୁର, ୨୨।୩(ସମିସ):** ସମ୍ବଲପୁର ମହିଳା ଥାନାରେ ଧନୁପାଲିର ପୂର୍ଣ୍ଣିମା କୁସୁମ ସ୍ୱାମୀ ରୂପେଶ କୁସୁମଙ୍କ ନାମରେ ଗୁରୁତର ଅଭିଯୋଗ ଆଣିଛନ୍ତି। ରୂପେଶ ବନ୍ଧୁକ ଦେଖାଇ ଘରୁ ବାହର କରିଦେଇଥିଲେ। ଘରକୁ ଆସିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ କରିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି ଯେ ୨୦୦୯ ମସିହାରେ ବିବାହ କରିଥିଲେ। ୫ ବର୍ଷ ଧରି ପାରିବାରିକ ସମ୍ପର୍କ ଠିକ ଥିଲା। ପରେ ସେ ଅନ୍ୟ ଝିଅଙ୍କ ସମ୍ପର୍କରେ ଆସିଥିଲେ। ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ମାମଲା ଥାନା ପର୍ଯ୍ୟନ୍ତ ଯାଇଥିଲା। ଥାନାରେ ରୁପେଶ ଉକ୍ତ ଝିଅଙ୍କ ସହ ସମ୍ପର୍କ ରଖିବେ ନାହିଁ ବୋଲି ଆପୋଶ ବୁଝାମଣା ହୋଇଥିଲା। କିଛିଦିନ ପରେ ପୁଣି ରୂପେଶ ଯୁବତୀଙ୍କ ସହ ସମ୍ପର୍କ ବଢ଼ାଇଥିଲେ। ବାରମ୍ବାର ମାଡପିଟ କରିବାରୁ ମୁ ରୁପେଶଙ୍କୁ ଛାଡ଼ି ମାଁଙ୍କ ଘରେ ପ୍ରଶୟ ନେଇଛି। ଏଭଳି ପରିସ୍ଥିତରେ ଏବେ ମଧ ସେ ଧମକ ଚମକ ଦେଉଥିବା ଅଭିଯୋଗ କରିଛନ୍ତି।

## ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

**ସମ୍ବଲପୁର, ୨୨।୩(ସମିସ):** ଧନୁପାଲି ଥାନା ଅନ୍ତର୍ଗତ ସୁନାପାଲିର ନସରିନ ବାନୋଙ୍କୁ ସ୍ୱାମୀ ମହମ୍ମଦ ଫିରୋଜ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ଆଣିଛନ୍ତି। ଅନ୍ୟ ଜଣେ ମହିଳାଙ୍କ ସହ ମିଶି ଏଭଳି କାଣ୍ଡ ନିୟମିତ ଭାବରେ କରୁଛନ୍ତି। ଦୀର୍ଘ ୩ ବର୍ଷ ହେବ ଉକ୍ତ ମହିଳାଙ୍କ ସହ ସମ୍ପର୍କ ରହିଛି। ଗତ ୨୦ ତାରିଖ ମହିଳାଙ୍କ ସହ ଆସି ମାଡ଼ପିଟ କରିଥିଲେ। ଏହାସହ ତଲାକ ଦେବେ ବୋଲି ଧମକ ଦେଇଛନ୍ତି। ପୁଅ ଓ ଝିଅଙ୍କୁ ନେଇ ସେ ଭୟଭୀତ ଭାବେ ଦିନ କାଟୁଥିବା ଅଭିଯୋଗ କରିଛନ୍ତି।

## କେନାଲ ପାଣିରେ ବୁଡ଼ି ଯୁବକ ମୃତ

**ସମ୍ବଲପୁର, ୨୨।୩(ସମିସ):** ଶାସନ ଥାନା ଅନ୍ତର୍ଗତ ଖୁଲିଆ ଗ୍ରାମର ଗୋବିନ୍ଦ ଓରାମ(୨୬)ଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଛି। ପୁଲିସ ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ମାମଲା ରୁଜୁ ହୋଇଛି। ସୂଚନା ମୁତାବକ ଗୋବିନ୍ଦ ଶୌଚ ହେବା ପାଇଁ କେନାଲକୁ ଯାଇଥିଲେ। କେନାଲରେ ଗୋଡ ଖସିଯିବାରୁ ପାଣି ଭିତରେ ଖସି ଯାଇଥିଲେ। ପହଁରା ଶିଖି ନଥିବାରୁ ଗଭୀର ପାଣି ଭିତରକୁ ପଶି ଯାଇଥିଲେ। ମୃତ୍ୟୁ ଖବର ପ୍ରଚାର ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।



## ମୋବାଇଲ ଲୁଟ୍

**ସମ୍ବଲପୁର, ୨୨।୩(ସମିସ):** ଟାଉନ ଥାନା ଅନ୍ତର୍ଗତ ଲକ୍ଷ୍ମୀ ଟକିଜ୍ ଛକରେ କଥା ହେଉଥିବାବେଳେ ମୋବାଇଲକୁ ଜଣେ ଦୁର୍ବୃତ୍ତ ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। କୁଚିଣ୍ଡାର ଅମିୟ କୁସୁମ ଛକରେ ବସ୍‌କୁ ଅପେକ୍ଷା କରି ଛିଡ଼ା ହୋଇଥିଲେ। ଏହି ସମୟରେ ସମ୍ପର୍କୀୟଙ୍କ ଫୋନ ଆସିବାରୁ ରିସିଭ୍ କରିଥିଲେ। ଦୂରରୁ ନଜର ରଖିଥିବା ଦୁର୍ବୃତ୍ତ ହଠାତ୍ ଆସି ମୋବାଇଲ ଝାମ୍ପି ନେଇଥିଲା।

## ରାଷ୍ଟ୍ରୀୟ ବାଲ୍ ବିଜ୍ଞାନ କଂଗ୍ରେସ କାର୍ଯ୍ୟକ୍ରମ

**ସମ୍ବଲପୁର, ୨୨।୩(ସମିସ):** ଧନକଉଡ଼ା ବ୍ଲକ ଅଧୀନସ୍ଥ ହିନ୍ଦୀ ଉଚ୍ଚ ବିଦ୍ୟାଳୟ ସମ୍ବଲପୁରରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ବାଲ୍ କଂଗ୍ରେସ ପ୍ରତିଯୋଗିତା ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବାଧାନରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ସମ୍ବଲପୁର ଜିଲ୍ଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଲ ମୁଖ୍ୟ ଅତିଥି ରୂପରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ କ୍ଷେତ୍ରରେ ନୂତନ କୌଶଳ ତଥା ନୂତନ ପ୍ରକଳ୍ପ ଓ ଗବେଷଣାତ୍ମକ ମନୋବୃତ୍ତିର ଅଭିବୃଦ୍ଧି ପାଇଁ ଉତ୍ସାହିତ କରିଥିଲେ। ସହଗୋଷ୍ଠୀ ଶିକ୍ଷା ଅଧିକାରୀ ସୁସ୍ମିତା ପଟ୍ଟଯୋଶୀ ଓ ରମେଶ କୁମାର ମିଶ୍ର ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ବ୍ଲକର ସମସ୍ତ ସ୍କୁଲରୁ ୨୯ଟି ପ୍ରକଳ୍ପ ସ୍ଥାନୀତ ହୋଇଥିଲା। ସମୁଦାୟ ୫ଟି ସର୍ବୋତ୍ତମ ୫ଜଣ ଛାତ୍ରଛାତ୍ରୀ ରୁଦ୍ର ପ୍ରସାଦ ସାହୁ, ଅଙ୍କିତା ପ୍ରଧାନ, ଅନନ୍ୟା ମହାରଣା, ଲିଖିତା ବେହେରା ଓ ଜ୍ୟୋତିର୍ମୟ ନାୟକ ସର୍ବଶ୍ରେଷ୍ଠ ବିବେଚିତ ହୋଇଥିଲେ। ଉଦଯାପନୀ ଉତ୍ସବରେ ସୁଜିତ କୁମାର ଲୁହା, ଲୋକିତା ଦାସ, ସପ୍ତର୍ଷି ମହାପାତ୍ର ଓ କରନ ଶର୍ମା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଆସୀମ ପ୍ରଧାନ ମଞ୍ଚ ପରିଚାଳନା କରିଥିଲାବେଳେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଦାମଙ୍କ ବିୟୋଗରେ ପ୍ରସନ୍ନଙ୍କ ଶୋକ

**ସମ୍ବଲପୁର, ୨୨।୩(ସମିସ):** ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ଆଜି ସକାଳେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ଘଟିଛି। ଦାମଙ୍କ ବିୟୋଗ ଖବର ଶୁଣି ଦୁଃଖିତ ଓ ମର୍ମାହତ ବୋଲି ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ଅମର ଆତ୍ମାର ସଦ୍‌ଗତି କାମନା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଏହା ସହିତ ଦାମଙ୍କ ବିୟୋଗରେ ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା ମଧ ଶୋକ ପ୍ରକାଶ କରିଛନ୍ତି।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



**ସମ୍ବଲପୁର, ୨୨।୩(ସମିସ):** ସମ୍ବଲପୁର ଜିଲ୍ଲା ଶାରୀରିକ ଶିକ୍ଷା ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଜନାର୍ଦ୍ଦନ ପୂଜାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସିନ୍ଦୁରପଙ୍କରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ମିନାରାଣୀ ମଙ୍ଗଳ ସମ୍ବଲପୁର ଜିଲ୍ଲା ଶିକ୍ଷା ଅଧିକାରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମୁରଲିଧର ବେହେରା, ଅନ୍ୟତମ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ ଏବଂ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିରା ପଟେଲ ଉପସ୍ଥିତ ଥିଲେ। ସଭାରେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଜଗବନ୍ଧୁ ବେହେରା, ଲକ୍ଷ୍ମଣ ନାଥ, କୈଳାସ ଚନ୍ଦ୍ର ନାୟକ, ଉଦିତ ପ୍ରତାପ ଦେଓ, ସୌଭାଗ୍ୟ ପଟେଲ, ପ୍ରଦୀପ ପଟେଲ, କୃଷ୍ଣଚନ୍ଦ୍ର ପଟେଲ, ବାସୁଦେବ ସାହୁ, ବୁଧୁରାମ ବିଶି, ଗନେ କାଉ, ପ୍ରମୋଦ ପଟେଲ, ପ୍ରବିଣ ପଟେଲଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଉକ୍ତ ସଭାକୁ ସତ୍ୟରଞ୍ଜନ ପଣ୍ଡା ପରିଚାଳନା କରିଥିଲେ। ଶେଷରେ ପ୍ରକାଶ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଆଜିଠୁ ଭିସୁଟ୍‌ରେ ଟେକ୍ନୋ-ସଂସ୍କୃତି ଫେଷ୍ଟ

**ବୁର୍ଲା, ୨୨।୩(ସମିସ):** ବୁର୍ଲା ଭିସୁଟରେ ଟେକ୍ନୋ-ସାଂସ୍କୃତିକ ଫେଷ୍ଟ ଅନୁଷ୍ଠିତ ହେବ। ମାର୍ଚ୍ଚ ୨୩ରୁ ୨୫ ତାରିଖ ୩ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ହେବ। ଚଳିତବର୍ଷର ମୁଖ୍ୟଆକର୍ଷଣ ମଧ୍ୟରେ ସ୍ପେସ୍ ଅନ୍ ହୁଇଲ୍ ପଦକ୍ଷେପ ରହିଛି। ଏହା ଛାତ୍ରମାନଙ୍କୁ ସୃଜନଶୀଳତା ଓ ବୈଜ୍ଞାନିକ ଉତ୍ସାହକୁ ବଢ଼ାଇବା ପାଇଁ ଏକ ଲାଇଭ୍ ସ୍ପେସ୍ ଅଭିଜ୍ଞତା ପ୍ରଦାନ କରିବ। ଏଥିରେ ଜି-କ୍ଲାସ୍ ବୈଜ୍ଞାନିକମାନେ ରକେଟ୍ ଓ ଉପଗ୍ରହ ଉତକ୍ଷେପଣ କାର୍ଯ୍ୟକଳାପ ବିଷୟରେ ସୂଚନା ଦେଇ ଉତ୍ସାହିତ କରିବ। ୱାଟର ରକେଟ୍ ଇଭେଣ୍ଟ ମଧ ପ୍ରଦର୍ଶିତ ହେବ। ବିଭିନ୍ନ ବିଭାଗରେ ଛାତ୍ରମାନଙ୍କୁ ୱାଟର ରକେଟ୍ରିରେ ସେମାନଙ୍କର ଅଭିନବ ପ୍ରଦର୍ଶନ କରିବାର ସୁଯୋଗ ମିଳିବ। ଏକ ଐତିହାସିକ ମୁହୂର୍ତ୍ତରେ ଆଇଡିଆ ଇନୋଭେସନ୍ ସେଲ୍‌ଫ ଏହାର ନିର୍ମିତ ରୋଭରକୁ ଉନ୍ମୋଚନ କରିବ। ପ୍ରଥମଥର ପାଇଁ ରୋଭର ଲଞ୍ଚ ହେବ। ଏହାସହିତ କ୍ଲବଗୁଡିକ ସେମାନଙ୍କର ପ୍ରକଳ୍ପଗୁଡିକ ପ୍ରଦର୍ଶନ କରିବେ। ସ୍ପେସ୍ ଡିଫେନ୍ସ ଏକ୍ସପୋ ଓ ୱାଟର ରକେଟ୍ରି ଇଭେଣ୍ଟ ବିଜୁ ପଟ୍ଟନାୟକ ଇ-ଲର୍ଣ୍ଣିଂ ସେଣ୍ଟର ନିକଟରେ ଚାଲିବ। ଉତ୍ସାହିଙ୍କୁ ପ୍ରଦର୍ଶନରେ ଇଞ୍ଜିନିୟରିଂ ଚମତ୍କାର ସାକ୍ଷୀ ହେବାକୁ ଓ ଇଞ୍ଜିନିୟରିଂରେ କ୍ୟାରିୟର କରିବା ପାଇଁ ସେମାନଙ୍କର ଉତ୍ସାହକୁ ପ୍ରଜ୍ୱଳିତ କରିବ। ମାର୍ଚ୍ଚ ୨୫ ତାରିଖ ପାଇଁ ଧାର୍ଯ୍ୟ ହୋଇଥିବା ରୋଭର ଲଞ୍ଚ ଏହି ଅସାଧାରଣ ଘଟଣାକୁ ସମାପ୍ତ କରିବ। ଯାହା ସମସ୍ତ ଉପସ୍ଥିତ ଲୋକଙ୍କ ଉପରେ ଏକ ସ୍ଥାୟୀ ପ୍ରଭାବ ପକାଇବ।

## ହିଣ୍ଡାଲ୍‌କୋ ହୀରାକୁଦ ପକ୍ଷରୁ ଓଷ୍ଟିଓପାଥି ଶିବିର

**ହୀରାକୁଦ, ୨୨।୩(ସମିସ):** ହୀରାକୁଦ ହିଣ୍ଡାଲ୍‌କୋ କମ୍ୟୁନିଟି ସେଣ୍ଟରଠାରେ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାସନାଥ ପାଣ୍ଡେଙ୍କ ମାର୍ଗଦର୍ଶନ ଏବଂ ୟୁନିଟ୍ ମୁଖ୍ୟ ଦେବାଶିଷ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଦୁଇଦିନିକିଆ ଓଷ୍ଟିଓପାଥି ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଓଡ଼ିଶା କ୍ଲଷ୍ଟର ମୁଖ୍ୟ ମାନବ ସମ୍ବଳ ଓ ମାଇନ୍ସ କ୍ରିଷ୍ଣା ପାଢ଼ୀ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ ହିଣ୍ଡାଲକୋ ପରିପାର୍ଶ୍ୱିକ ଉନ୍ନୟନ ବିଭାଗର କ୍ଲଷ୍ଟର ମୁଖ୍ୟ ଶିବ ମହାପାତ୍ର, ସଭାପତି ବରିଷ୍ଠ ନାଗରିକ ସଂଗଠନ, ହୀରାକୁଦର ସୁରେନ୍ଦ୍ର କୁମାର ଚୋବେ, ବିଶେଷଜ୍ଞ ଡାକ୍ତର ନନ୍ଦକିଶୋର ପରାସର, ହିଣ୍ଡାଲକୋ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁବ୍ରତ ଚାଟାର୍ଜୀ, ହେଡ ଆଡମିନ ଆଣ୍ଡ ସିକ୍ୟୁରିଟି କର୍ଣ୍ଣେଲ ସନ୍ଦୀପ ତିୱାରୀ ୟୁନିଅନର ପଦାଧିକାରୀ ତଥା ବରିଷ୍ଠ ନାଗରିକ ଯୋଗେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ହୀରାକୁଦ ସହର ଏବଂ ଗ୍ରାମାଞ୍ଚଳର ୨୨୯ ଜଣ ପୁରୁଷ ଓ ମହିଳା ଏହି ଶିବିରରେ ଚିକିତ୍ସିତ ହୋଇଥିଲେ। ଏହି ଅବସରରେ ଡାକ୍ତର ନନ୍ଦକିଶୋର ପରାସର, ଡାକ୍ତର ଗୌରବ ପରାସର ଏବଂ ଡାକ୍ତର ଜେଏସ୍ ରାଜ ପୁରୋହିତଙ୍କୁ ସ୍ମେଲଟର ଆଣ୍ଡ ପାୱାର୍‌ର ୟୁନିଟ୍ ମୁଖ୍ୟ ଦେବାଶିଷ ମଲ୍ଲିକ ଓ ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ବିଘ୍ନେଶ୍ୱର ପଣ୍ଡା, ଆନନ୍ଦ ଚକ୍ରବର୍ତ୍ତୀ, ରାଜ ସିଂହ, ସତ୍ୟପ୍ରକାଶ ପଣ୍ଡା, ଡାକ୍ତର ମାଯାଧର ସାହୁ, ସରୋଜ କୁମାର ଆଚାର୍ଯ୍ୟ, ସନ୍ତୋଷ କୁମାର ତ୍ରିପାଠୀ, ମିଳନ କୁମାର ସାହୁ ଏବଂ ହେଲଥକେୟାର ସେଣ୍ଟର କର୍ମଚାରୀଗଣ ସହଯୋଗ କରିଥିଲେ।



## ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ନାରୀଶକ୍ତି କାର୍ଯ୍ୟକ୍ରମ

**ସମ୍ବଲପୁର, ୨୨।୩(ସମିସ):** ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଭତରା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆଜି ନାରୀଶକ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାରୀଶକ୍ତିର ସହସଂଯୋଜିକା ଝୁନୁ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭତରା ଏବଂ ଧନୁପାଲି ଅଞ୍ଚଳର ୫୦ଜଣ ମହିଳା ଅଂଶଗ୍ରହଣ କରିଥିଲେ। ମହିଳାମାନେ ପରିବାର ସମସ୍ୟା ଭିତରେ ବାନ୍ଧିହୋଇ ନିଜର ବ୍ୟକ୍ତିଗତ ପ୍ରତିଭାର ବିକାଶ ଦିଗରେ ଆଗେଇ ଆସିପାରୁ ନାହାନ୍ତି। ସେଥିପାଇଁ ଘରୋଇ ମହିଳାଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ ଏବଂ ବିକାଶ ଦିଗରେ ଉତ୍ସାହିତ କରିବାକୁ ନାରୀଶକ୍ତି ଅଭିଯାନ ଜରିଆରେ ଚେଷ୍ଟା କରାଯାଉଥିବା କାର୍ଯ୍ୟକ୍ରମରେ ସଂଯୋଜିକା ମତପ୍ରକାଶ କରିଥିଲେ। ବହୁ ମହିଳାଙ୍କ ଭିତରେ ସମାଜକୁ ଦିଗଦର୍ଶନ ଦେବାର କ୍ଷମତା ରହିଥିବା ସତ୍ତ୍ୱେ ସେମାନେ ସୁଯୋଗ ପାଇପାରୁନଥିବା ମତ ପୋଷଣ କରିଥିଲେ। ସମାଜରେ ମାନସିକ ଚିନ୍ତାରେ ପରିବର୍ତ୍ତନ ଆସୁଛି ପୁରୁଷମାନେ ମଧ ସ୍ତ୍ରୀର କାମରେ ସହଯୋଗ କରି ସେମାନଙ୍କୁ ବିଭିନ୍ନ ଦିଗରେ କାର୍ଯ୍ୟ କରିବାକୁ ଉତ୍ସାହିତ କରୁଥିବା ନୃତ୍ୟଗୁରୁ ତଥା ନାରୀଶକ୍ତିର ସଂଗଠିକା ପଙ୍କଜିନୀ ବୈଠାରୁ କହିଥିଲେ। ଏହି ଅବସରରେ ଅନେକ ମହିଳା ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ନାରୀଶକ୍ତିର ମହିଳା ସଂଗଠିକା ସୁଜାତା ଗୁରୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଛବି ପତି, ସଂଘମିତ୍ରା ପଣ୍ଡା, ସରିତା ଧଳ, ଦେବଶ୍ରୀ ମହାପାତ୍ର, ଶାନ୍ତିଲତା ଝାଙ୍କର, ଦମୟନ୍ତୀ ଠାକୁର, ରଶ୍ମୀ ମହାପାତ୍ର, ବିମଳିନୀ ପତି ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ନାରୀଶକ୍ତିର ସମ୍ବଲପୁର ସଂଯୋଜିକା ସ୍ୱସ୍ତିକା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



## ଫିଲ୍ଡ ଅପରେସନ୍ ଡିଭିଜନ କାର୍ଯ୍ୟାଳୟରେ ହିନ୍ଦୀ କର୍ମଶାଳା

**ସମ୍ବଲପୁର, ୨୨।୩(ସମିସ):** ସମ୍ବଲପୁରର ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଫିଲ୍ଡ ଅପରେସନ୍ ଡିଭିଜନ୍) ଆଞ୍ଚଳିକ କାର୍ଯ୍ୟାଳୟରେ ୨୨ମାର୍ଚ୍ଚରେ ଏକଦିବସୀୟ ହିନ୍ଦୀ କର୍ମଶାଳା ହୋଇଯାଇଛି। ଏହାକୁ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ସହ ରାଜଭାଷା କାର୍ଯ୍ୟକାରୀ କମିଟିର ଅଧ୍ୟକ୍ଷ ରାହୁଲ କୁମାର ପଟେଲ ଉଦ୍‌ଘାଟନ କରିଥିଲେ। କର୍ମଚାରୀଙ୍କ ଦ୍ୱାରା ହିନ୍ଦୀରେ କରାଯାଉଥିବା କାର୍ଯ୍ୟ ପାଇଁ ଶ୍ରୀ ପଟେଲ ପ୍ରଶଂସା କରିବା ସହିତ ଭବିଷ୍ୟତ ପାଇଁ ସେମାନଙ୍କୁ ଉତ୍ସାହିତ କରିଥିଲେ। ସହକାରୀ ନିର୍ଦ୍ଦେଶକ ଯୁଧିଷ୍ଠିର ସୋବୋରୋ ମଧ ରାଜଭାଷା ବିଭାଗର ନିର୍ଦ୍ଦେଶାବଳୀ ଅନୁସରଣ କରିବାକୁ ପରାମର୍ଶ ଦେଇଛନ୍ତି। ସଦସ୍ୟ ସଚିବ ନୀରଜ କୁମାର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ସଦସ୍ୟ ମିଳନ କୁମାର, ସଦସ୍ୟ ଶିଶିର କୁମାର ପ୍ରଧାନ ସହଯୋଗ କରିଥିଲେ। କର୍ମଶାଳାରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗର ଅଧ୍ୟାପକ ଡ. ଦାଶରଥୀ ବେହେରା ଅଫିସରେ ହିନ୍ଦୀରେ ଅଧିକରୁ ଅଧିକ କାର୍ଯ୍ୟ କିପରି କରିବେ ସେ ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ ଏବଂ ସଂସଦୀୟ ସମିତିର କାର୍ଯ୍ୟ ଉପରେ ମଧ ଆଲୋଚନା କରିଥିଲେ। ଅଭ୍ୟାସ ଅଧିବେଶନରେ ଗୁଗୁଲ ସାହାଯ୍ୟରେ ହିନ୍ଦୀରେ କାମ କରିବା, ହିନ୍ଦୀରେ ପତ୍ର ଲେଖନ, ନୋଟ୍ ଲେଖନ, କମ୍ପ୍ୟୁଟରରେ ହିନ୍ଦୀରେ କାମ କରିବା ସହିତ ଅଭ୍ୟାସ କରାଯାଇଥିଲା। ରାଜଭାଷା ବିଭାଗ ଦ୍ୱାରା ନିର୍ମିତ ଶବ୍ଦ ସିନ୍ଧୁ, କଣ୍ଠସ୍ଥ ୨.୦ର ବ୍ୟବହାର ଉପରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା। କର୍ମଶାଳାରେ ପ୍ରାପ୍ତ ଜ୍ଞାନକୁ ବ୍ୟବହାର କରି କର୍ମଚାରୀମାନଙ୍କୁ ହିନ୍ଦୀରେ ଯଥାସମ୍ଭବ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ।



## ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର

**ସମ୍ବଲପୁର, ୨୨।୩(ସମିସ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟର ବ୍ୟବସାୟ ପ୍ରଶାସନ ବିଭାଗରେ ବ୍ୟବସାୟର ଦାୟିତ୍ୱବୋଧକତା ଉପରେ ଦ୍ୱିଦିବସୀୟ ରାଷ୍ଟ୍ରୀୟ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, ରେଜିଷ୍ଟ୍ରାର ଡଃ ନୃପରାଜ ସାହୁ, ସ୍ନାତକୋତ୍ତର ବିଭାଗ ପରିଷଦ ଅଧକ୍ଷା ପ୍ରଫେସର ସଂଯୁକ୍ତା ଦାସଙ୍କ ଉପସ୍ଥିତିରେ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଭାରତୀୟ ପ୍ରବନ୍ଧନ ସଂସ୍ଥାନ ସମ୍ବଲପୁର ନିର୍ଦ୍ଦେଶକ ମହାଦେଓ ଜୈସ୍ୱାଲ୍ ଯୋଗଦେଇ ସମାଜରେ ବ୍ୟବସାୟର ଦାୟିତ୍ୱବୋଧକତା ଉପରେ ଆଲୋକପାତ କରିଥିଲେ। ସମ୍ମିଳନୀ ନିର୍ଦ୍ଦେଶକ ପ୍ରଫେସର ବିଶ୍ୱଜିତ୍ ଶତପଥୀ, ସଂଯୋଜକ ପ୍ରଫେସର ଦେବେନ୍ଦ୍ର କୁମାର ମହାଲିକ, ସମ୍ପାଦକ ଡା.ସରୋଜ କୁମାର ସାହୁ, ବିଭାଗ ମୁଖ୍ୟ ତଥା ୱାର୍ଡେନ୍ ପ୍ରଫେସର ତୁଷାରକାନ୍ତି ଦାସ ସଭା ମଞ୍ଚରେ ଉପସ୍ଥିତ ଥିଲେ। ଡାଃ ଅନୁରାଧା ସାମଲ ମଞ୍ଚ ପରିଚାଳନା କରିଥିଲେ। ବ୍ୟବସାୟ ଅନୁଶାସନ ବିଭାଗ ମୁଖ୍ୟ ପ୍ରଫେସର ତୁଷାରକାନ୍ତି ଦାସ ଓ ଭାରତୀୟ ପ୍ରବନ୍ଧନ ସଂସ୍ଥାନ ରାଞ୍ଚିର ପ୍ରଫେସର ସନ୍ତୋଷ କୁମାର ପୃଷ୍ଟି ବିଷୟଜନିତ ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ। ଦେଶର କୋଣଅନୁକୋଣରୁ ଅନେକ ଗବେଷଣାତ୍ମକ ଅନୁସନ୍ଧାନ ପରିବେଶିତ ହୋଇଥିବା ସମୟରେ ପ୍ରଫେସର ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଏମ୍‌ସିଏଲ୍‌ର ଲଳିତ ପ୍ରଧାନ, ଟିପିଡବ୍ଲୁଓଡିଏଲ୍‌ର ସତ୍ୟଜିତ୍ ଡେଭିଡ, ଡାଃ ଅନୁରାଧା ସାମଲ, ଭିଏସଏସୟୁଟିର ପ୍ରଫେସର ଦେବଦତ୍ତ ମିଶ୍ର, ସୁମନ୍ତ କେର୍କେଟ୍ଟା ଓ ଡାଃ ରୋହିତ କୁମାର ମିଶ୍ର ଉପସ୍ଥିତ ଥିଲେ। ବାବାସନ୍ ବିଶ୍ୱବିଦ୍ୟାଳୟ, ମାଲେସିଆର ପ୍ରଫେସର ବାଲାକ୍ରିଷ୍ଣା ମନିଅପ୍ପା ତଥା ଭାରତୀୟ ପ୍ରବନ୍ଧନ ସଂସ୍ଥାନ, ସିଲଂଗର ପ୍ରଫେସର ରାଜ ଦାଶ ବିଭିନ୍ନ ବିଷୟରେ ନିଜ ଅନୁସନ୍ଧାନ ପରିବେଷଣ କରି ଗବେଷକ ଗବେଷିକାଗଣଙ୍କୁ ଉଦବୋଧନ ଦେଇଥିଲେ। ଡାଃ ସରୋଜ କୁମାର ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।



# ଆନ୍ତଃରାଜ୍ୟ ହାଇକିଙ୍ଗ ଦଳର ଦୁଃସାହସିକ ଟ୍ରେକିଂ




**ବରଗଡ଼/ସମ୍ବଲପୁର, ୨୨।୩(ସମିସ)**

ହୀରାକୁଦ ଉପତ୍ୟକାରେ ଥିବା ଡେବ୍ରିଗଡ ଅଭୟାରଣ୍ୟ ଓ ହୀରାକୁଦ ଜଳଭଣ୍ଡାରରେ ପୂର୍ବରୁ ବୋଟିଙ୍ଗ, ମାଛ ଧରିବା, ପିକନିକ କରିବା, ପରିବ୍ରାଜକ ପକ୍ଷୀଠାରୁ ଆରମ୍ଭ କରି ସଫାରୀ ମାଧମରେ ବିଭିନ୍ନ ବନ୍ୟଜନ୍ତୁ ବୁଲି ଦେଖିବା ସହ

## ଡେବ୍ରିଗଡ଼ ଅଭୟାରଣ୍ୟରେ ଯୋଡ଼ିହେଲା ଆଉଏକ ସୋପାନ

## ପରିବେଶ ଅନୁକୂଳ ପର୍ଯ୍ୟଟନ କ୍ଷେତ୍ରରେ ଏକ ନୂଆ ଫର୍ଦ୍ଦ

ଜଙ୍ଗଲ ମଧ୍ୟରେ ଥିବା କଟେଜରେ ରାତ୍ରିଯାପନ କରିବା ବିଷୟ ପର୍ଯ୍ୟଟକମାନେ ଶୁଣିଥିଲେ ବା ତାର ମଜା ଅଙ୍ଗେ ନିଭାଇଥିଲେ। ହେଲେ ବର୍ତ୍ତମାନ ଏହି ଅଭୟାରଣ୍ୟରେ ହାଇକିଙ୍ଗ ଭଳିଆ ଏକ ଏଡଭେଞ୍ଚର ଜନିତ କାର୍ଯ୍ୟ ମଧ୍ୟ କରାଯାଉଛି। ଯାହା ଦ୍ୱାରା ଏହି ଅଭୟାରଣ୍ୟକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ନୂତନ ସ୍ଥାନ ପ୍ରଦାନ କରିପାରିବ ।

ଡେବ୍ରିଗଡ ଅଭୟାରଣ୍ୟରେ ଗତ ୨୧ ତାରିଖରେ ଆରମ୍ଭ ହୋଇଥିବା ହାଇକିଙ୍ଗ ପଦଯାତ୍ରା ସମ୍ପୂର୍ଣ୍ଣ ହୋଇଥିଲା। ଭାରତର ବିଭିନ୍ନ ପ୍ରାନ୍ତରୁ ୨୨ ଜଣ ହାଇକ୍ରାଫ୍ଟ ଆସି ଏହି ଜଙ୍ଗଲ ପଦଯାତ୍ରାଜନିତ ଏଡଭେଞ୍ଚର ବା ରୋମାଞ୍ଚ ରେ ସାମିଲ ହୋଇଥିଲେ। ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ତାମିଲନାଡୁ, ମଧ୍ୟପ୍ରଦେଶ, ପଞ୍ଜାବ, କେରଳ, ହରିୟାଣା, ଓଡ଼ିଶା, କର୍ଣ୍ଣାଟକ, ଚଣ୍ଡିଗଡ଼, ଝାଡ଼ଖଣ୍ଡ,ଦିଲ୍ଲୀ




ଆଦି ରାଜ୍ୟରୁ ପର୍ଯ୍ୟଟକମାନେ ଆସି ହାଇକିଙ୍ଗରେ ଅଂଶଗ୍ରହଣ କରିଥିଲେ। ଏହି ପଦଯାତ୍ରା ଡେବ୍ରିଗଡ ଅଭୟାରଣ୍ୟର ବିଭିନ୍ନ ଦୃଶ୍ୟକୁ ଆଚ୍ଛାଦିତ କରିଥିଲା। ବଣ, ଉପତ୍ୟକା, ପାହାଡ, ପର୍ବତ, ଘାସଭୂମି ଏବଂ ଦ୍ୱୀପପୁଞ୍ଜ। ପ୍ରଥମ ଦିନ ପଦଯାତ୍ରୀ ମାନେ ୫୦୦ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ଯାତ୍ରା କରିଥିଲେ। ରାଣୀବସାଠାରେ ରାତ୍ରିଯାପନ ସହ ଶିବିର ସ୍ଥାପନ କରିଥିଲେ। ପରଦିନ ସେମାନେ ପର୍ବତ ଏବଂ ଉପତ୍ୟକା ଦେଇ ବାତିସ ଆଇସଲ୍ୟାଣ୍ଡରେ ପହଞ୍ଚିଥିଲେ। ରାତିରେ ହୀରାକୁଦ ହ୍ରଦ ଭିତରେ ଥିବା ଜନବହୁଳ ଦ୍ୱୀପକୁ ବୁଲିବା ପରେ କେଟେଲ ଆଇସଲ୍ୟାଣ୍ଡରେ ରାତ୍ର ଯାପନ କରିଥିଲେ। ରାତ୍ରି ଶିବିରଗୁଡ଼ିକ ଅସ୍ଥାୟୀ, ପ୍ଲାଷ୍ଟିକ୍ ମୁକ୍ତ ଏବଂ ଆବର୍ଜନା ମୁକ୍ତ କରାଯାଇଥିଲା। ତିନି ଦିନ ଚାଲିବାରେ ସୀମିତ ଥିବାରୁ ବାୟୋଟଇଲେଟ ବ୍ୟବହାର କରାଯାଇଥିଲା। ସମସ୍ତ ୨୨ ଜଣ ପଦଯାତ୍ରୀ ବୃତ୍ତିଗତ ଥିଲେ ଏବଂ ହିମାଳୟର ଗ୍ଲାସିଅର୍ ଟ୍ରେକ୍ ସମେତ ଭାରତ ତଥା ବିଦେଶର ବିଭିନ୍ନ ସ୍ଥାନ ଟ୍ରାକ୍ କରିଥିବା ଟ୍ରେକର୍ ଥିଲେ।

ଭାରତର ବୃହତ୍ତମ ଟ୍ରେକିଂ ସଂଗଠନ ଇଣ୍ଡିଆ ହାଇକସ ସହଯୋଗରେ ଡେବ୍ରିଗଡ ଅଭୟାରଣ୍ୟର କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି ହାଇକିଙ୍ଗର ଆୟୋଜନ କରାଯାଇଥିଲା ଏବଂ ଦୁଇ ଜଣ ବିଶେଷଜ୍ଞ ଏହି ହାଇକିଂ ଗ୍ରୁପ୍ ସହ ଯାଇଥିଲେ। ଟ୍ରେକ୍ ସମୟରେ ବିଭିନ୍ନ କାର୍ଯ୍ୟକଳାପ କରାଯାଇଥିଲା ଯେପରିକି ପ୍ରକୃତି ସହ ସଂଯୋଗ, ଗଛ ସହ କଥାବାର୍ତ୍ତା ଇତ୍ୟାଦି ପ୍ରଥମ ଥର ପାଇଁ କେଟେଲ ଆଇସଲ୍ୟାଣ୍ଡ ରାତ୍ରି ଶିବିର କରିବା ପରିବେଶ ଅନୁକୂଳ ଢ଼ଙ୍ଗରେ କୌଣସି ଆବର୍ଜନା ବିନା ଆୟୋଜିତ ହୋଇଥିଲା। ଏହି ହାଇକିଂ କାର୍ଯ୍ୟକ୍ରମ ହୀରାକୁଦ ୱାଇଲ୍ଡ ଲାଇଫ୍ ଡିଭିଜନର ପ୍ରକୃତି ଶିକ୍ଷା କାର୍ଯ୍ୟକ୍ରମ ଅଧୀନରେ ଆୟୋଜିତ ହୋଇଥିଲା। ତାଲିମପ୍ରାପ୍ତ ପ୍ରାକୃତିକବାଦୀମାନେ ତିନି ଦିନ ଧରି ପଦଯାତ୍ରୀଙ୍କ ସହ ଅଭୟାରଣ୍ୟର ପଶୁ ଏବଂ ପକ୍ଷୀଙ୍କ ବିବିଧତା ବିଷୟରେ ବର୍ଣ୍ଣନା କରିଥିଲେ।

ଏଠାରେ ଅବସ୍ଥାପିତ ଥିବା ଯୁବ ଫରେଷ୍ଟ ଅଧିକାରୀ ୱାଇଲଡ ଲାଇଫ ଡିଏଫଓ ଅଂଶୁପ୍ରଜ୍ଞା ଦାସଙ୍କ ପ୍ରୟାସ ଯୋଗୁଁ ଆଜି ଡେବ୍ରିଗଡ ଅଭୟାରଣ୍ୟରେ ହେଉ କିମ୍ବା ହୀରାକୁଦ ଜଳଭଣ୍ଡାରର ପଛୁଆ ପାଣି ଅଞ୍ଚଳରେ ପର୍ଯ୍ୟଟନର ସମ୍ଭାର ଦେଖିବାକୁ ମିଳୁଛି। ବର୍ତ୍ତମାନ କେଟେଲ ଆଇସଲ୍ୟାଣ୍ଡରେରେ କ୍ୟାଣ୍ଟିନ ବା କେଫେ ସ୍ଥାପନ, ନେଚର୍ କ୍ୟାମ୍ପର ଆୟୋଜନ, ଡେବ୍ରିଗଡ ଅନ୍ ହୁଇଲ୍‌ରେ ଜଙ୍ଗଲ ସଫାରୀ, ମହାନଦୀ ଆଳତି, ପୁନର୍ବାସ ଯୋଜନା, ଅଭୟାରଣ୍ୟରୁ ଆତ୍ମନିଯୁକ୍ତି, ଗୋବିନ୍ଦପୁର ପକ୍ଷୀଗ୍ରାମ ଆଦିର ସଂରଚନା କରି ୱାଇଲଡ ଲାଇଫ ଡିଏଫଓ ଅଂଶୁପ୍ରଜ୍ଞା ଦାସ ହୀରାକୁଦ ଜଳ ଭଣ୍ଡାର ଓ ତାର ଆଖପାଖରେ ଥିବା ବୈଭବର ପ୍ରକୃତ ଅନାବରଣ କରି ପାରିଛନ୍ତି।





## ପୋଲିଂ ଅଧିକାରୀଙ୍କ ପ୍ରଥମ ପର୍ଯ୍ୟାୟ ତାଲିମ ଶେଷ

# ତାଲିମ୍ ନେଲେ ୧୦୧୧୦ ଅଧିକାରୀ

**ବରଗଡ଼, ୨୨।୩(ସମିସ):** ଜିଲ୍ଲାପାଳ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀ ଆଦିତ୍ୟ ଗୋଏଲଙ୍କ ତତ୍ତ୍ୱାବଧାନରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ,




## ସୁବିଧା ମୋବାଇଲ ଆପ୍ ବିଷୟରେ ତାଲିମ ନେଲେ

ପୁଲିସ ବିଭାଗ, ବିଡିଓ ଏବଂ ତହସିଲଦାରଙ୍କ ପାଇଁ ସୁବିଧା ଆପ୍ ଏବଂ ଏହାର କାର୍ଯ୍ୟକାରିତା ବିଷୟରେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ମୋବାଇଲ୍ ଆପ୍ଲିକେସନ୍ କିଭଳି ବ୍ୟବହାର କରିବା, ନାମାଙ୍କନ ଏବଂ ଅନୁମତି ପ୍ରକ୍ରିୟାରେ ପ୍ରାର୍ଥୀଙ୍କୁ ସାହାଯ୍ୟ କରିବା, ଆକାଉଣ୍ଟ୍ ସୃଷ୍ଟି କରି ପରିଚୟପତ୍ର ସହ କିଭଳି ଲଗ୍ ଇନ୍ କରିବା, ପ୍ରାର୍ଥୀଙ୍କ ନାମାଙ୍କନ ପରେ ଅନୁମତି କିଭଳି ଦେବା, ମତଦାନ ଦିବସର କାର୍ଯ୍ୟକଳାପ ଏବଂ ଭୋଟ ଗଣନା, ଇଣ୍ଡେକ୍ସ କାର୍ଡ, ଖର୍ଚ୍ଚ ମନିଟରିଂ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ, ଉକ୍ତ ତାଲିମ ଶିବିରର ମୁଖ୍ୟ ବିଷୟବସ୍ତୁ ଥିଲା।

ସେହିପରି ସାଧାରଣ ନିର୍ବାଚନକୁ ସରଳ ଏବଂ ତ୍ରୁଟିଶୂନ୍ୟ ଭାବେ ସମାପନ ପାଇଁ ପ୍ରିଜାଇଡିଙ୍ଗ ଓ ପୋଲିଂ ଅଧିକାରୀଙ୍କ ନିମନ୍ତେ ଆୟୋଜିତ ହୋଇଥିବା ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗତ ୧୬ରୁ ଆରମ୍ଭ ହୋଇ ୨୧ ମାର୍ଚ୍ଚରେ ସମାପ୍ତ ହୋଇଛି। ଏହି ତାଲିମ୍ ଶିବିର ପାଞ୍ଚୋଟି ପ୍ରଶିକ୍ଷଣ କେନ୍ଦ୍ର ଯଥା ବରଗଡ ସରକାରୀ ପଲିଟେକ୍ନିକ୍, ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ, ଅଞ୍ଚଳ କଲେଜ ପଦ୍ମପୁର, ବିଜେପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବିଜେପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଦୀର୍ଘ ୬ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ୧୩୯୭ଟି ବୁଥ୍ ରେ ସଫଳ ମତଦାନ ନିମନ୍ତେ ସମୁଦାୟ ୧୦୧୧୦ଜଣ ପ୍ରିଜାଇଡିଂ ଏବଂ ପୁଲିଂ ଅଧିକାରୀଙ୍କୁ ତାଲିମ୍ ଦିଆଯାଇଥିବା ବେଳେ ୧୬୭୭ ଜଣ ଲେଖାଏ ପ୍ରିଜାଇଡିଂ ଅଧିକାରୀ, ପ୍ରଥମ ପୋଲିଂ ଅଧିକାରୀ, ଦ୍ୱିତୀୟ ପୋଲିଂ ଅଧିକାରୀ, ତୃତୀୟ ପୋଲିଂ ଅଧିକାରୀ, ଚତୁର୍ଥ ପୋଲିଂ ଅଧିକାରୀ ଏବଂ ପଞ୍ଚମ ପୋଲିଂ ଅଧିକାରୀ ଅଂଶଗ୍ରହଣ କରି ନିର୍ବାଚନ ପରିଚାଳନା, ବ୍ୟବସ୍ଥିତ ଭାବେ ପ୍ରଦର୍ଶନ କେନ୍ଦ୍ରରୁ ବୁଥ୍ ପର୍ଯ୍ୟନ୍ତ ଯିବା, ଇଭିଏମ-ଭିଭିପ୍ୟାଟର ସଂଯୋଗ, ଭୋଟ ଗ୍ରହଣ ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଏବଂ ସେକ୍ଟର ଅଧିକାରୀଙ୍କ ସହ ଯୋଗାଯୋଗ ରଖି ସଠିକ ତଥ୍ୟ ଦେବା ଇତ୍ୟାଦି ବିଷୟରେ ପ୍ରଶିକ୍ଷଣ ନେଇଥିଲେ।

# ଏକକାଳୀନ ସାଧାରଣ ନିର୍ବାଚନ ପ୍ରସ୍ତୁତି

**ବରଗଡ଼, ୨୨।୩(ସମିସ):** ଜିଲ୍ଲାପାଳ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀ ଆଦିତ୍ୟ ଗୋଏଲଙ୍କ ଦ୍ୱାରା ଶାନ୍ତିପୂର୍ଣ୍ଣ ଏବଂ ନିରପେକ୍ଷ ମତଦାନ ନିମନ୍ତେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ ଏବଂ ତହସିଲଦାରଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାପାଳ ଶ୍ରୀ ଗୋଏଲ ଇକୋ-ଫ୍ରେଣ୍ଡଲି ଏବଂ ଅନୁସୂଚିତ ଜାତି/ଜନଜାତି ମତଦାନ କେନ୍ଦ୍ରଗୁଡିକର ଚିହ୍ନଟ, ମଡେଲ ମତଦାନ କେନ୍ଦ୍ରଗୁଡ଼ିକରେ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ପ୍ରସ୍ତୁତି, ମତଦାନ କେନ୍ଦ୍ରରେ ସ୍ୱେଚ୍ଛାସେବୀଙ୍କ ନିୟୋଜନ, ଆନ୍ତରାଜ୍ୟ ସୀମାରେ ଥିବା ମତଦାନ କେନ୍ଦ୍ରର ସମନ୍ୱୟ, ନାମାଙ୍କନ ପ୍ରକ୍ରିୟାର ପ୍ରସ୍ତୁତି, ପୁଲିଂ-ରିଟର୍ଣ୍ଣିଙ୍ଗ ଅଧିକାରୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ, ଗଣନା କେନ୍ଦ୍ରଗୁଡିକ ଚିହ୍ନଟ, ନିର୍ବାଚନ ଡ୍ୟୁଟିରେ ଥିବା ଭୋଟରଙ୍କ ନିମନ୍ତେ ପୋଷ୍ଟାଲ ଭୋଟ ବ୍ୟବସ୍ଥା, ବ୍ଲକ ସ୍ତରରେ ଅସ୍ଥାୟୀ ଇଭିଏମ୍ ଷ୍ଟ୍ରଙ୍ଗ ରୁମର ଚିହ୍ନଟ, ହୁଇଲ ଚେୟାରର ବ୍ୟବସ୍ଥା, ମହିଳା ପୋଲିଂ ପାର୍ଟିର ରହିବା ବ୍ୟବସ୍ଥା, ବ୍ରେଲି ବାଲଟ ପେପରର ବ୍ୟବସ୍ଥା, ସାମଗ୍ରୀ କ୍ରୟ ଓ ନିର୍ବାଚନ ଖର୍ଚ୍ଚ, ସୁବିଧା ପୋର୍ଟାଲ୍ ଏବଂ ରିଟର୍ଣ୍ଣିଙ୍ଗ ନୋଡାଲ ଅଫିସରଙ୍କ ତାଲିମ ଏବଂ ରୁଟ ଚାର୍ଟ ଚୂଡାନ୍ତକରଣ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ସମୀକ୍ଷା କରିବା ସହ ମତଦାନ ସମୟରେ ଶାନ୍ତିଶୃଙ୍ଖଳା ବଜାଇ ରଖିବା ନିମନ୍ତେ ପୂର୍ବରୁ ସମସ୍ୟାଗୁଡିକର ଚିହ୍ନଟ କରିବା ତଥା ଆନ୍ତଃଜିଲ୍ଲା ସୀମାବର୍ତ୍ତୀ ବୁଥଗୁଡିକର ଯୋଗାଯୋଗ ଯୋଜନା ପ୍ରସ୍ତୁତ କରିବା ପାଇଁ କହିଛନ୍ତି। ବୈଠକରେ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନା, ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ଏବଂ ମଧୁଛନ୍ଦା ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁଶାନ୍ତ ସିଂ, ବରଗଡ଼ ଉପଜିଲ୍ଲାପାଳ କୁମାର ନାଗଭୂଷଣ, ପଦ୍ମପୁର ଉପଜିଲ୍ଲାପାଳ ଆଲୋକ ପଟେଲ ଏବଂ ଡେପୁଟି କଲେକ୍ଟର ନିର୍ବାଚନ ମୁକ୍ତେଶ୍ୱର ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ଅମ୍ବାଭୋନା ମୁଖ୍ୟରାସ୍ତା: ରାସ୍ତା ନା ମରଣଯନ୍ତା

**ଅମ୍ବାଭୋନା, ୨୨।୩(ସମିସ):** ସଡକପଥରେ ଦୁଇ ଆନ୍ତଃରାଜ୍ୟ ଓଡ଼ିଶା ଓ ଛତିଶଗଡ଼କୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ସମରଧରାଠାରୁ ରୁଚିଦା ମଧ୍ୟରେ ଅନେକଗୁଡ଼ିଏ ସ୍ଥାନରେ ରାସ୍ତା ଉପରେ ଖଲଖମା ଭର୍ତ୍ତି ହୋଇଛି। ଫଳରେ ସାଧାରଣ ଜନତା ପ୍ରତିଦିନ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ସ୍କୁଲ କଲେଜ ଛାତ୍ରଛାତ୍ରୀ ପାଠ ପଢିଯିବା ଆସିବାରେ ଅସୁବିଧାର ଶିକାର ହୋଇଥାନ୍ତି। ଅମ୍ବାଭୋନା ଗ୍ରାମର ମୁଖ୍ୟରାସ୍ତା ଉପରେ ବଡ଼ ବଡ଼ ଖାଲ ହୋଇଥିବାରୁ ଲୋକମାନେ ଯିବାଆସିବା ସମୟରେ ଅନେକ ସମସ୍ୟା ସୃଷ୍ଟି ହେଉଛି। ବାରମ୍ବାର ଏହି ଘଟଣାକୁ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେବଳ ଖାମଖିଆଲି ଭାବରେ ମରାମତି କରି ଠିକାଦାର ପୋଷଣ କାର୍ଯ୍ୟ ହେଉଥିବା ଗ୍ରାମବାସୀ ଉଦ୍‌ବେଗ ଦେଖାଉଛନ୍ତି। ଏହା କେବଳ ଅମ୍ବାଭୋନା ଗ୍ରାମର କଥା ନୁହଁ ବରଂ ଏହା ପାଖାପାଖି ସମ୍ବରଧର ଯାଏ ଏଭଳି ସ୍ଥିତି ରହିଛି। ଅଞ୍ଚଳବାସୀ ଏହି ଘଟଣାକୁ ଜିଲ୍ଲା ପ୍ରଶାସନ ନିକଟରେ ଦୃଷ୍ଟି ଆକର୍ଷଣ କରିବା ସହ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।





# ବିକାଶ ନର୍ସିଂ କଲେଜର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ



**ବରଗଡ଼, ୨୨।୩(ସମିସ):** ବିଶ୍ୱ ମୁଖ ସ୍ୱାସ୍ଥ୍ୟ ଦିବସ ହେଉଛି ଏକ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ। ଯାହାକି ପ୍ରତିବର୍ଷ ମାର୍ଚ୍ଚ ମାସ ୨୦ ତାରିଖରେ ମୁଖର ସ୍ୱଚ୍ଛତା, ଏହାର ମହତ୍ୱ ଏବଂ ମୁଖ ରୋଗରେ ସହାୟକ ହେଉଥିବା କାରଣ ବିଷୟରେ ସଚେତନତା ସୃଷ୍ଟି କରାଯାଏ। ଉକ୍ତ ଦିବସକୁ ଦୃଷ୍ଟିରେ ରଖି ବିକାଶ ନର୍ସିଂ କଲେଜ ଓ ବରଗଡ଼ ସ୍ଥିତ ଆମ୍ବଷଡା ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରର ସହଯୋଗରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। 'ଖୁସି ପାଟି ହେଉଛି ଏକ ଖୁସି ଶରୀର' ଏବଂ ଏକ କ୍ଷୁଦ୍ର ନାଟକ ସହ ସ୍ୱାସ୍ଥ୍ୟଶିକ୍ଷା ବିକାଶ ନର୍ସିଂ କଲେଜର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କରାଯାଇଥିଲା। ଦାନ୍ତର ଯତ୍ନ ନେବାର ମହତ୍ୱ ଏବଂ କିପରି ପାଟିକୁ ସୁରକ୍ଷିତ ରଖିବା ପାଇଁ ଆମ୍ବଷଡାସ୍ଥିତ ଅଙ୍ଗନବାଡ଼ିର ଛାତ୍ରଛାତ୍ରୀ, ଜନସାଧାରଣଙ୍କୁ ବାର୍ତ୍ତା ଦିଆଯାଇଥିଲା। ବିକାଶ ନର୍ସିଂ କଲେଜର ଅଧ୍ୟାପିକା ଆରାଧନା ଦିଗାଲ ଓ କୁମାରୀ ନିର୍ମଳା ବିରୋଙ୍କ ସମେତ ଆମ୍ବଷଡା ଗ୍ରାମର ଗୋଷ୍ଠୀ ସ୍ୱାସ୍ଥ୍ୟାଧିକାରୀ ସନ୍ତୋଷିନୀ ମଲ୍ଲିକ, ଛାତ୍ରଛାତ୍ରୀ ଏକ ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# କର୍କଟ ପୀଡ଼ିତଙ୍କୁ ବରଗଡ଼ ସାଇନ୍ସ ଇନ୍‌ଷ୍ଟିଚ୍ୟୁଟ୍‌ର ସହାୟତା

**ବରଗଡ଼, ୨୨।୩(ସମିସ):** ବରଗଡ଼ ସଦର ବ୍ଲକ ଖଣ୍ଡହଥା ଗ୍ରାମର କେନ୍ସର ପୀଡ଼ିତ ରାକେଶ ସାହୁଙ୍କ ଚିକିତ୍ସା ପାଇଁ ଆଜି ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଭେଡେନ ରୋଡ ସାହୁଟିକିରାସ୍ଥିତ ବରଗଡ଼ ସାଇନ୍ସ ଇନଷ୍ଟିଚ୍ୟୁଟ ପକ୍ଷରୁ ଏହି ସହାୟତା ରାଶି ପ୍ରଦାନ କରାଯାଇଥିଲା। ଇନଷ୍ଟିଚ୍ୟୁଟ କର୍ତ୍ତୃପକ୍ଷ ପ୍ରଭାତୀ ପତି, ଗଣ ଇସ୍ତାହାର ସମ୍ପାଦକ ପ୍ରଦୀପ ହୋତା ଓ ମୁଖ୍ୟ ସମ୍ପାଦକ ତଥା ଫାଇଟର୍ସ ଗ୍ରୁପ୍ର ସଭାପତି ପ୍ରସନ୍ନ ମିଶ୍ର ପୀଡ଼ିତଙ୍କ ଘରକୁ ଯାଇ ଏହି ସହାୟତା ପ୍ରଦାନ କରିଥିଲେ। ପୀଡ଼ିତ ରାକେଶ ସାହୁ ବରଗଡ଼ ସାଇନ୍ସ ଇନଷ୍ଟିଚ୍ୟୁଟରେ ଅର୍ଥନୀତି ଅଧ୍ୟାପକ ଭାବରେ ପୂର୍ବରୁ କାର୍ଯ୍ୟ ତୁଲାଇଥିଲେ। ଉଚ୍ଚ ଶିକ୍ଷା ନିମନ୍ତେ ସେ ନିକଟ ଅତୀତରେ ଚାକିରିରୁ ଅବ୍ୟାହତି ନେଇଥିଲେ। ଗତ ଜାନୁଆରୀରେ ସେ ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହେବା ଜଣାପଡିଥିଲା। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କ ଚିକିତ୍ସା ଚାଲିଛି।

## ଫସଲ ବୀମା, ଇନ୍‌ପୁଟ ସବସିଡି ଦାବି

# ଭେଡେନ ତହସିଲ କାର୍ଯ୍ୟାଳୟରେ ପଡ଼ିଲା ତାଲା

**ଭେଡେନ, ୨୨।୩(ସମିସ)**

ମିଗଜୋମଜନିତ ଫସଲ ନଷ୍ଟର କ୍ଷତିପୂରଣ ପୂରଣ ଦାବି ସହ ଇନପୁଟ ସବସିଡି, ବୀମାରାଶି ପ୍ରଦାନ ଆଦି ବିଭିନ୍ନ ଦାବିନେଇ ଭେଡେନ ବ୍ଲକ କୃଷକ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଛି। ଭେଡ଼େନ ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ତାଲା ପକାଇ ଧାରଣାରେ ବସିଥିବା ଦେଖାଯାଇଛି। ସକାଳ ୧୦ଟାରୁ ଭେଡେନ ତହସିଲ ଅଫିସ କାର୍ଯ୍ୟାଳୟକୁ ତାଲାମାରି ଆନ୍ଦୋଳନ ଚଳାଇଥିଲେ ଚାଷୀ ସମୂହ।

ଭେଡେନ ବ୍ଲକ ୨୧ଟି ଗ୍ରାମପଞ୍ଚାୟତର ୯୬ଟି ଗ୍ରାମ ୯୭୬୧ ହେକ୍ଟର ଜମି ବାତ୍ୟାଜନିତ କ୍ଷୟକ୍ଷତି ରିପୋର୍ଟ ହୋଇଥିବା ବେଳେ ତାର କ୍ଷତିପୂରଣ ମିଳିନାହିଁ। ବ୍ଲକର ୨୦ଟି ଗ୍ରାମପଞ୍ଚାୟତର ଚାଷୀମାନେ ଫସଲବୀମା ପାଇବାରେ ଯୋଗ୍ୟ ହୋଇଥିବାବେଳେ ଗୋଟିଏ ପଞ୍ଚାୟତର ଚାଷୀମାନେ ଫସଲ ବୀମା ପାଇବାରେ ବଞ୍ଚିତ ହୋଇଛନ୍ତି। ଚାଷୀଙ୍କ ଧାରଣାସ୍ଥଳକୁ ଭେଡେନ ତହସିଲଦାର ଗୌରବ କୁମାର ବରଗେ ଆସିଥିଲେ; ହେଲେ ସେ ଚାଷୀଙ୍କ ସହ ଆଲୋଚନା ନକରି ପ୍ରକାଶ କରିଥିଲେ



ଯେ ତହସିଲ କାର୍ଯ୍ୟାଳୟ ସମ୍ମୁଖରୁ ଟେଣ୍ଟ ଓ ସାଉଣ୍ଡ ଉଠାଇବାକୁ ନିର୍ଦ୍ଦେଶ ଦେବାସହ ଏହାର ପରମିସନ ଆଣିଛ କି ବୋଲି ଚାଷୀଙ୍କୁ କହିଥିଲେ। ଦୁର୍ବ୍ୟବହାର କରିବାରୁ ଧାରଣାରେ ବସିଥିବା ଚାଷୀମାନଙ୍କ ଭିତରେ ଉତେଜନା ଦେଖାଦେଇଥିଲା। ଚାଷୀମାନେ ହକ୍‌ର ଫସଲବୀମା ପାଇନାହୁଁ ବୋଲି କହିବାରୁ ତହସିଲଦାର ଚାଲି ଯାଇଥିଲେ। ତହସିଲଦାରଙ୍କ ଏପରି ଚାଷୀଙ୍କୁ ବ୍ୟବହାର ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଥିବା ବେଳେ ଅଞ୍ଚଳରେ ଚର୍ଚ୍ଚା ଲାଗିରହିଛି। ଭେଡେନ ବ୍ଲକ କୃଷକ ସଙ୍ଗଠନର ସଭାପତି ଉତ୍ପନ୍ନ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଆନ୍ଦୋଳନରେ ସଂଗଠନ ସଂପାଦକ ସୁଦାମ ପାତ୍ର, ନରେନ୍ଦ୍ର ଭୋଇ, ବିଜୟ ସାହୁ, ଚୁଡାମଣି ଛନ୍ଦ, ଆନନ୍ଦ ସୁନା, ନନ୍ଦିଘୋଷ ମିଶ୍ର,

## ବ୍ଲକ୍ କୃଷକ ସଙ୍ଗଠନ ଆନ୍ଦୋଳନରେ ସାମିଲ

ବିଶ୍ୱଜିତ ହୋତା, ନିର୍ମଳ ପଧାନ, ଘାସିରାମ କର୍ମୀ, ସୁଧାଂଶୁ ଦୀପ, ସାନନ୍ଦ ପଧାନ, ରାଜେଶ ପାଢ଼ୀ, ଯୁବରାଜ ମହାକୁର, କୁନା ପଧାନଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ଆନ୍ଦୋଳନକୁ ସମର୍ଥନ କରି ବରଗଡ ସଂଯୁକ୍ତ କୃଷକ ସଙ୍ଗଠନର ରମେଶ ମହାପାତ୍ର, ଅତାବିରା କୃଷକ ସଙ୍ଗଠନର ବିରେନ୍ଦ୍ର କର,ଟିକେଲା ମିଶ୍ର ଯୋଗଦାନ କରିଥିଲେ।

# ରାଜ୍ୟ ବିଜେଡି ଉପସଭାପତିଙ୍କ ଆରୋଗ୍ୟ କାମନା

**ବରପାଲି,୨୨।୩(ସମିସ):** ବରପାଲି ବ୍ଲକ ଆଗଲପୁର ସତ୍ୟସାଇ ସଦନ ପରିସରରେ ରାଜ୍ୟ ବିଜେଡି ଉପସଭାପତି ତଥା ବରିଷ୍ଠ ନେତାଙ୍କ ଆଶୁ ଆରୋଗ୍ୟ କାମନା ନେଇ ପୂଜାର୍ଚ୍ଚନା ଦୀପଦାନ ସହ ସାମୂହିକ ପ୍ରାର୍ଥନା ହୋଇଯାଇଛି। ବିଜେଡି ରାଜ୍ୟ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ ଏକ ଦୁର୍ଘଟଣାର ଶିକାର ହୋଇ ବର୍ତ୍ତମାନ ଚିକିତ୍ସାଧୀନ ରହିଛନ୍ତି। ତାଙ୍କର ସ୍ୱାସ୍ଥ୍ୟର ଉନ୍ନତି କାମନା କରି ଆଗଲପୁର ସତ୍ୟସାଇ ମନ୍ଦିର ପରିସରରେ ଏକ ପୂଜାର୍ଚ୍ଚନାର ଆୟୋଜନ ହୋଇଥିଲା। ସତ୍ୟସାଇ ବାବାଙ୍କ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ସହ ସାମୂହିକ ପ୍ରାର୍ଥନା କରାଯାଇଥିଲା। ସୁଶାନ୍ତ ବିଶ୍ୱାଲ, ସଞ୍ଜୟ ବିଶ୍ୱାଲ, ଥବିର ମେହେରଙ୍କ ଦ୍ୱାରା ପରିଚାଳିତ ହୋଇଥିବା ବେଳେ ସତ୍ୟସାଇ ଅନୁଷ୍ଠାନର ଭକ୍ତମଣ୍ଡଳୀ ସହଯୋଗ କରିଥିଲେ।



# ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଗିରଫଦାରିକୁ ବିରୋଧ

**ବରଗଡ଼,୨୨।୩(ସମିସ):** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜ୍ରିୱାଲଙ୍କୁ ଇଡି ଗିରଫ କରିଥିବା ବେଳେ ଏହାର ପ୍ରତିବାଦରେ ଆପ୍ କାର୍ଯ୍ୟକର୍ତ୍ତାମାନେ ଶୁକ୍ରବାର ବରଗଡ ଗାନ୍ଧୀଛକଠାରେ ରାଜରାସ୍ତାକୁ ଓହ୍ଲାଇଥିଲେ। ନରେନ୍ଦ୍ର ମୋଦୀଙ୍କ ଇଙ୍ଗିତରେ ଇଡି ଏହି ଗିରଫ କରିଛି ଯାହାକି ବେଆଇନ ବୋଲି ଜିଲ୍ଲା ଆବାହକ ଭବାନୀ ସାହୁ କହିଛନ୍ତି। ଏହି ବେଆଇନ ଗିରଫକୁ ଜିଲ୍ଲା କଂଗ୍ରେସ ପକ୍ଷରୁ ମଧ୍ୟ ବିରୋଧ କରାଯାଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ହରଦୀପ ସିଂଙ୍କ ସମେତ ନିପନ ଦାଶ, କିଶୋର ସାହୁ ଓ ସମର୍ଥକମାନେ ଉପସ୍ଥିତ ଥିଲେ। ଆମ୍ ଆଦମୀ ପାର୍ଟି ଅତାବିରା ନିର୍ବାଚନମଣ୍ଡଳୀରୁ ଜୟକୃଷ୍ଣ ଛୁରିଆ, ଯଦୁମଣି ପ୍ରଧାନ, ଭଟଲିରୁ ଶାହରୁଖ ଲୋଧିଆ, ବିଜେପୁରରୁ ରାମଚନ୍ଦ୍ର ବିଶ୍ୱାଳ, ଶ୍ରୀରାମ ସାହୁ, ରାଜକିଶୋର ନାଗ, ବରଗଡ଼ ବିଧାନସଭାରୁ ମାରିୟମ ବାର୍ଲା, ଅବିନାଶ ବାଗ, ରମେଶ ପତି, ମମତା ବେହେରା, ଅଭୟ ସାମଲ, ସୁବଳ କହରା, ଗୌତମ ମହାନନ୍ଦ, ସୁବଳ ପ୍ରଧାନ, ସତ୍ୟ ସାହୁ ସାମିଲ ଥିଲେ।



# ଅନ୍ନପ୍ରାସନ୍ନ କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର

**ବିଜେପୁର, ୨୨।୩(ସମିସ):** ବିଜେପୁର ବ୍ଲକ୍ ଅନ୍ତର୍ଗତ ଖରମୁଣ୍ଡାଠାରେ ଖରମୁଣ୍ଡା ପଞ୍ଚାୟତର ସରପଞ୍ଚ ମନୋଜ ପଧାନଙ୍କ ପୁତ୍ର ଅଂଶିତର ଶୁଭ ଅନ୍ନପ୍ରସନ୍ନ ଅବସରରେ ବରଗଡର ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ବିଜେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ମୋତିରାମ ସାହୁ, ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟ ସୁଦାମ ଚରଣ ସାହୁ, ସମିତିସଭ୍ୟ ସଂଜିତ୍ ଗଡ଼ତିଆ, ନିଷ୍ଠା ପରିବାରର ଅଶ୍ୱିନୀ ତ୍ରିପାଠୀ, ଡା. ସୁଦାମ ସାହୁ ଯୋଗଦାନ କରିଥିଲେ। ଶିବିରରେ ସର୍ବମୋଟ ୨୦ ୟୁନିଟ୍ ରକ୍ତଦାତା ରକ୍ତଦାନ କରିଥିଲେ। ସମାଜସେବୀ ରଶ୍ମିତା ମେହେର, ପ୍ରମୋଦ ପଧାନ, ଅକ୍ଷୟ ରଣା, ମହାଦେବ ରଥ, ପ୍ରଦୀପ ସେଠ୍ ଓ ଗ୍ରାମର ଯୁବକ ସହଯୋଗ କରିଥିଲେ।



## ଜିଲ୍ଲା କୃଷି କାର୍ଯ୍ୟାଳୟରେ ଧାରଣା ଓ ତାଲାବନ୍ଦ ଜାରି

# ଅତାବିରା ତହସିଲ କାର୍ଯ୍ୟାଳୟକୁ ଅଚଳ ଚେତାବନୀ

**ବରଗଡ଼,୨୨।୩(ସମିସ)**

ବରଗଡ଼ ଜିଲ୍ଲାରେ ଧୀରେ ଧୀରେ କୃଷକଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି। ଗୋଟିଏ ପଟେ ଜିଲ୍ଲା କୃଷି କାର୍ଯ୍ୟାଳୟ ଠାରେ ତାଲା ପକାଇ ଦଶ ଦିନ ହେବ ସଂଯୁକ୍ତ କୃଷକ ସଂଗଠନ ଶାଖା ସହିଦ ମାଧୋ ସିଂ ଆଞ୍ଚଳିକ କୃଷକ ସଂଗଠନ ଧାରଣାର ନେତୃତ୍ୱ ନେଇଥିବା ବେଳେ ଅନ୍ୟ ପଟେ ଭେଡେନ ବ୍ଲକ କୃଷକ ସଙ୍ଗଠନ ତରଫରୁ ତହସିଲ ଅଫିସରେ ତାଲା ଦେଇ ଧାରଣା କୃଷକ ମାନେ ଆନ୍ଦୋଳନ ରେ ବସିଛନ୍ତି। ଉତ୍ପନ୍ନ କୁମାର ଭୋଇ ଙ୍କ ନେତୃତ୍ୱ ରେ ହଜାର ହଜାର ପ୍ରଭାବିତ କୃଷକ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ପ୍ରକାଶ ଥାଉକି ବରଗଡ଼ ଜିଲ୍ଲାରେ ୪୧ ହଜାର ହେକ୍ଟର ଜମି କ୍ଷତି ହୋଇଥିବା ପ୍ରାଥମିକ ରିପୋର୍ଟ ଜିଲ୍ଲାପାଳ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ଯେଉଁଥିରେ ଭେଡେନ ବ୍ଲକ ସର୍ବାଧିକ ୯୭୬୧ ହେକ୍ଟର ଜମି ପ୍ରଭାବିତ ହୋଇଥିବା ଉଲେଖ କରି ୧୭ କୋଟି ଟଙ୍କା କ୍ଷତିପୂରଣ ଦେବା ପାଇଁ ଦାବି କରାଯାଇଥିଲା। ହେଲେ କୌଣସି ଚାଷୀ ବର୍ତ୍ତମାନ ସୁଦ୍ଧା ଗୋଟିଏ ଟଙ୍କା ନ ପାଇବାର ଷଡଯନ୍ତ୍ର ଚାଷୀମାନେ ବୁଝି ପାରୁନାହାନ୍ତି। ତିନିମାସ ପରେ ମଧ କେତେ ଚାଷୀ କେତେ ଟଙ୍କା ଓ କେବେ କ୍ଷତିପୂରଣ ପାଇବେ ପ୍ରଶ୍ନର ଉତ୍ତର କମ୍ପାନୀ ପ୍ରତିନିଧି ଦେଇପାରୁନାହିଁ। ସେଥିପାଇଁ ଚାଷୀମାନେ ନିଜର ହକ ପାଇଁ ବାରମ୍ବାର ଆନ୍ଦୋଳନ କରି ଶାସନ ପ୍ରଶାସନ ଉପରେ ଚାପ ପକାଇ ଆସୁଛନ୍ତି। ତହସିଲ ଅଫିସ ତାଲା ବନ୍ଦ ଆନ୍ଦୋଳନରେ ଓଡିଶା ରାଜ୍ୟ କୃଷକ ସଂଗଠନ ପ୍ରତିନିଧି ଯୋଗଦେଇ ଆନ୍ଦୋଳନକୁ ଆହୁରି ଦୁର୍ବାର କରିବା ପାଇଁ ଆସନ୍ତା ବୁଧବାର ଅତାବିରା ତହସିଲ ଅଫିସରେ ତାଲା ପକାଇ ଧାରଣା ଦେବା ପାଇଁ ସଭାପତି ବୀରେନ୍ଦ୍ର କର ଘୋଷଣା କରିଛନ୍ତି। ଆଜିର ଆନ୍ଦୋଳନକୁ ସଂଯୁକ୍ତ କୃଷକ ସଂଗଠନ ରମେଶ ମହାପାତ୍ର, କୋଶଲ ସେନା ଭେଡେନ, ଅମୃତ କୁଟୁମ, ଅତାବିରା କୃଷକ ସଂଗଠନ ସମର୍ଥନ ଦେଇଛନ୍ତି। ଜିଲ୍ଲା କୃଷି କାର୍ଯ୍ୟାଳୟ ତାଲା ବନ୍ଦ ଆନ୍ଦୋଳନରେ ପ୍ରଭାତ ସାହୁ, ପ୍ରେମରାଜ ସାହୁ, କୁଞ୍ଜବିହାରୀ ପଧାନ, ଅରକ୍ଷିତ ମହାକୁଡ଼, ଗଣପତି ପଧାନ, ସୁଦାମ ନନ୍ଦ, ଅଲେଖ ପଧାନ, ସୁଦାମ ସାହୁ, ସନ୍ତୋଷ ମିଶ୍ର, ମୁରଲୀ ଭୋଇ, ଅବିନାଶ ପଟେଲ, ନିର୍ମଳ ପଟେଲ, ବସନ୍ତ ମହାକୁଡ଼, ଗୁଣନିଧି ପଧାନ, କୁନା ପଧାନ, କ୍ଷୀରେଶ୍ୱର ରଣା, ସୁଶାନ୍ତ ସାହୁ, ସନ ନାଗ, କୈଳାଶ ବାଗ, ବାସୁଦେବ ସାହୁ, ମହକି ଚୌହାନ, ରବି ଗରିଆ, ଲକ୍ଷ୍ୟପତି ସାହୁ, ଜୀବର୍ଧନ ପାଣ୍ଡେ, କ୍ଷୀରୋଦ୍ର ପଟେଲ, ନରସିଂହ ପଣ୍ଡା ନେତୃତ୍ୱ ନେଇଥିଲେ।

**ଜିଲ୍ଲାରେ ୪୧ ହଜାର ହେକ୍ଟର ଜମି କ୍ଷତିଗ୍ରସ୍ତ, ମିଳିନି ମିଗ୍‌ଜୋମ ସହାୟତା**



# ହିମାଦ୍ରି ନଗର ପକ୍ଷରୁ ହରିହର ଭେଟ ପ୍ରସ୍ତୁତି

**ବରପାଲି, ୨୨।୩ (ସମିସ):** ବରପାଲି ଶିବାଜୀ କ୍ଲବ ହିମାଦ୍ରୀ ନଗର ପରିସରରେ ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ଆୟୋଜିତ ୫୪ତମ ହରିହର ଭେଟ, ଦୋଳପୂର୍ଣ୍ଣମୀ ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୀତଳ ଷଷ୍ଠୀ ଯାତ୍ରା କମିଟି ଦ୍ୱାରା ମନୋନୀତ କନ୍ୟାପକ୍ଷ ପ୍ରତିବର୍ଷ ହରିହର ଭେଟ, ଦୋଳ ଉତ୍ସବ ଅବସରରେ ମହାଆଳତି ପ୍ରଦାନ ମାଧମରେ ଆଜ୍ଞା ଓ ଆଶୀର୍ବାଦ କାମନା କରିଥାନ୍ତି। କନ୍ୟାପକ୍ଷ ହିମାଦ୍ରିନଗର ଭାବେ ଚଳିତ ବର୍ଷ ଶିବାଜୀ କ୍ଲବ ମନୋନୀତ ହୋଇଥିବାରୁ ଉତ୍ସବରେ ଯୋଗଦେବା ପାଇଁ ପ୍ରସ୍ତୁତି କରିଥିଲେ। ହିମାଦ୍ରୀ ନଗରବାସୀଙ୍କ କାର୍ଯ୍ୟସୂଚୀ ଅନୁସାରେ, ବାଜାଗାଜା ମଧ୍ୟରେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରାଯିବା ପରେ ହରିହର ଭେଟଘାଟ ସ୍ଥଳ ବଜାର ପ୍ରାଙ୍ଗଣ ମିଳନ ମଣ୍ଡପରେ ପହଞ୍ଚି ମହୋତ୍ସବରେ ଭାଗ ନେବେ। ମିଳନ ମଣ୍ଡପରେ ହରିହର ଦେବଙ୍କ ଭେଟଘାଟ ପରେ ଦୋଳସ୍ୱବ ହୋଇ ଅବିର ଖେଳ ପାଳିତ ହେବ। ହରି ଓ ହର ଦେବଙ୍କ ପାଲିଙ୍କି ଶୋଭାଯାତ୍ରା ମିଳନ ମଣ୍ଡପରୁ ବାହାରି ହିମାଦ୍ରୀ ନଗର, ଶିବାଜୀ କ୍ଲବ ପରିସରରେ ପହଞ୍ଚିବ। ହିମାଦ୍ରି ନଗରବାସୀ ପୂର୍ବ ଆୟୋଜନ ଭିତ୍ତିକ ପୂଜାର୍ଚ୍ଚନା ଓ ଦୋଳସ୍ୱବ ସହ ଅବିର ଖେଳ ପାଳିତ ହେବ। ପ୍ରସ୍ତୁତି ବୈଠକ ସଭାପତି ବିଜୁ ମେହେରଙ୍କ ସଭାପତିତ୍ୱରେ ସଂପାଦକ ଧର୍ମରାଜ ସିଂ ବରିହାଙ୍କ ସଂଯୋଜନାରେ ପରିଚାଳିତ ଓ କାର୍ଯ୍ୟକ୍ରମ ବିବରଣୀ ଉପସ୍ଥାପନ ହୋଇଥିଲା। ଦୋଳସ୍ୱବ ଶୋଭାଯାତ୍ରାରେ ଶିବାଜୀ କ୍ଲବର ସମସ୍ତ ନଗରବାସୀ ଆବାଳ ବୃଦ୍ଧ ବନୀତା ସାମିଲ ହେବାପାଇଁ ସଙ୍କଳ୍ପ ନେଇଥିଲେ। ଚଳିତବର୍ଷ ମାତା ପାର୍ବତୀ କନ୍ୟାପିତା ପରମେଶ୍ୱର ମେହେର ଉପସ୍ଥିତ ଥିଲେ। ସୁଶୀଲ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



# ଏସଡିଏମଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ପଦ୍ମପୁର, ୨୨।୩ (ସମିସ):** ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟ ସଭାଗୃହରେ ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ତଥା ଏସଡିଏମଓ ଡାକ୍ତର ସରୋଜ କୁମାର ସେଠଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେ ସୋନପୁର ଜିଲ୍ଲାର ଡୁଙ୍ଗୁରିପାଲିକୁ ବଦଳି ହୋଇଥିବାରୁ ଡାକ୍ତର ପ୍ରଭାତ ନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱରେ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ନୂତନ ଭାବରେ ଯୋଗଦେଇଥିବା ଡାକ୍ତର ଆଶୁତୋଷ ହୋତାଙ୍କୁ ସ୍ୱାଗତ ଜଣାଇଥିଲେ। ଡାକ୍ତର ଯଦୁମଣି ସାହୁ, ସଞ୍ଜୟ ନାୟକ, ଜିପିଏସ ମିଶ୍ର ତଥା ଅନ୍ୟାନ୍ୟ ଜୁନିୟର ଡାକ୍ତର ଏବଂ ସମସ୍ତ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଡାକ୍ତରଖାନା ମ୍ୟାନେଜର ଦିବ୍ୟ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବଲପୁର ଜିଲ୍ଲାରୁ ଆସିଥିବା ନୂତନ ଏସଡିଏମଓ ଆଶୁତୋଷ ହୋତା ସେଠାରୁ ରିଲିଫ ହେବା ସତ୍ତ୍ୱେ ନିର୍ବାଚନ ଆଚରଣ ବିଧି ପାଇଁ ସେ ପଦ୍ମପୁର ଦାଇତ୍ୱ ନେଇ ନଥିଲେ।

# ଦିବ୍ୟାଙ୍ଗଙ୍କ ପାଇଁ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର

**ସମ୍ବଲପୁର, ୨୨।୩(ସମିସ):** ରାଜ୍ୟ ସରକାର ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର କରିଆସୁଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଯାତାୟତ ସହିତ ଆତ୍ମନିର୍ଭର କରିବା ପାଇଁ ବ୍ୟବସ୍ଥା କରୁଛନ୍ତି। ବିନା ସୁଧରେ ଋଣ ଓ ବ୍ୟାଟରୀ ଚାଳିତ ଗାଡ଼ି ଦେଇ ରୋଜଗାରକ୍ଷମ କରୁଛନ୍ତି। ଏବେ ଦିବ୍ୟାଙ୍ଗମାନଙ୍କ ଆହୁରି ସୁବିଧା କରିବାକୁ ଯାଉଛନ୍ତି। ସମ୍ବଲପୁର ମହାନଗର ନିଗମ ମହାନଦୀ ରିଂ-ରୋଡ ବାଲିବନ୍ଧାରେ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର ନିର୍ମାଣ କରୁଛନ୍ତି। ଯାହାର କାମ ଦ୍ରୁତ ଗତିରେ ଚାଲିଛି। ଏହି କେନ୍ଦ୍ରରେ ଦିବ୍ୟାଙ୍ଗଙ୍କ ପାଇଁ ଓଟି, ତାଲିମକେନ୍ଦ୍ର, ବିଶ୍ରାମାଗାର, ପାଥୋଲୋଜି ଭଳି ସୁବିଧା ରହିଥିବାବେଳେ କୃତ୍ରିମ ଅଙ୍ଗ ତିଆରି କରାଯିବ। ବହୁବର୍ଷରୁ ପୁରୁଣା କୋଠାରେ ଦିବ୍ୟାଙ୍ଗ ପୁନର୍ବାସ କେନ୍ଦ୍ର ରହିଥିଲା। ଯାହା ବିପଦସଙ୍କୁଳ ଅବସ୍ଥାରେ ବହୁବର୍ଷ ଧରି କାର୍ଯ୍ୟକ୍ଷମ ଥିଲା। ଏହାକୁ ନେଇ ଜିଲ୍ଲା ସମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲା। ରାଜ୍ୟ ସରକାର ଏଥିପାଇଁ ଅନୁଦାନ ମଞ୍ଜୁର କରିଛନ୍ତି ଏବଂ କାମ ମଧ ଆରମ୍ଭ ହୋଇଛି। ଏହି ଅତ୍ୟାଧୁନିକ କୋଠା ନିର୍ମାଣ ହୋଇଗଲେ ଦିବ୍ୟାଙ୍ଗ ମାନଙ୍କ ସହିତ ବିଭାଗ ପରିଚାଳନାରେ ଆହୁରି ସୁବିଧା ହୋଇଯିବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ, ଆଞ୍ଚଳିକ ଦିବ୍ୟାଙ୍ଗ ପୁନର୍ବାସ କେନ୍ଦ୍ର (ଆର୍‌ସିଡିଆର୍) ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଭୂତଳକୁ ମିଶାଇ ପ୍ରାଥମିକ ପର୍ଯ୍ୟାୟରେ ଏହି ପ୍ରକଳ୍ପ ତିନି ମହଲା ବିଶିଷ୍ଟ ହେବ। ଏଥିପାଇଁ ୪କୋଟି ୫୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଚଳିତବର୍ଷ ଶେଷସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ଲକ୍ଷ୍ୟ ରହିଛି। ରାଜ୍ୟ ସରକାରଙ୍କ ଇଡ୍‌କୋ ପକ୍ଷରୁ ଏହି ପ୍ରକଳ୍ପ କାମ ହେଉଛି। ଏଠାରେ ଆଧୁନିକ ପୁନର୍ବାସ କେନ୍ଦ୍ର, ଥେରାପି, ଶ୍ରବଣବାଧିତଙ୍କ ପାଇଁ ଶ୍ରବଣ ପରୀକ୍ଷଣ, ମାନସିକ ଅଗ୍ରସରଙ୍କ ପାଇଁ ଆକଳନ, କସ୍‌ମେଟିକ୍ ୱାର୍କସପ୍, ଦୃଷ୍ଟିବାଧିତ ଓ ଭିନ୍ନକ୍ଷମଙ୍କ ପାଇଁ ମୋବିଲିଟି ପ୍ରଶିକ୍ଷଣ, ଫିଜିଓଥେରାପୀ ୟୁନିଟ୍ ଆଦି ସବୁକିଛି ସୁବିଧା ସୁଯୋଗ ରହିବ। ସେହିଭଳି ଅସ୍ତ୍ରୋପଚାର କକ୍ଷ, ପ୍ରଶିକ୍ଷଣ ହଲ୍ ଓ ପ୍ରଶାସନିକ ୟୁନିଟ୍ ଏହି କୋଠାରେ ରହିବ। ଦିବ୍ୟାଙ୍ଗମାନେ ଏଠାରେ ସମନ୍ୱିତ ଭାବେ ଗୋଟିଏ ଛାତ ତଳେ ବିଭିନ୍ନ ସୁବିଧା ପାଇପାରିବେ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, କର୍ମଜୀବୀ ମହିଳାଙ୍କ ପାଇଁ ବାଲିବନ୍ଧାଠାରେ ଥିବା ଅବ୍ୟବହୃତ କୋଠାରେ ଆର୍‌ସିଡିଆର୍ ୨୦୦୨-୦୩ ମସିହାରେ ଆରମ୍ଭ ହୋଇଥିଲା। ସେହି ପୁରୁଣା କୋଠାକୁ ଉଚ୍ଛେଦ କରାଯାଇ ସେହି ଜମିରେ ନୂଆଁ ପ୍ରକଳ୍ପ ନିର୍ମାଣ କରାଯାଉଛି। ଏଠାରେ ତଳୁ ଉପର ମହଲା ପର୍ଯ୍ୟନ୍ତ ରେମ୍ପ ସୁବିଧା ମଧ ରହିବ। ଏହି କେନ୍ଦ୍ର ଜରିଆରେ ଦିବ୍ୟାଙ୍ଗମାନଙ୍କୁ ତିନିଚକିଆ ସାଇକେଲ, ଶ୍ରବଣବାଧିତଙ୍କ ପାଇଁ ଶ୍ରବଣ ଯନ୍ତ୍ର, ଭିନ୍ନକ୍ଷମଙ୍କ ପାଇଁ କୃତ୍ରିମ ଅଙ୍ଗ, ଆଶାବାଡ଼ି ପ୍ରଭୃତି ସହାୟକ ଉପକରଣ ଯୋଗାଇ ଦିଆଯାଇ ଆସୁଥିଲା। ଏ ସମ୍ପର୍କରେ ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ଶତପଥୀ ନୂତନ କୋଠା ହେବାପରେ ବହୁତ ସୁବିଧା ହୋଇଯିବ। କୃତିମ ଅଙ୍ଗ ତିଆରି କରିବା ପାଇଁ ଅତ୍ୟାଧୁନିକ ଯନ୍ତ୍ରାଂଶ ଗୁଡ଼ିକ ଖଞ୍ଜାଯିବା ଫଳରେ ସହଜ ହେବ ବୋଲି କହିଛନ୍ତି।





**ରହିବ ଓଟି, ପାଥୋଲ୍ୟାବ, ବିଶ୍ରାମାଗାର**

**ତିଆରି ହେବ କୃତିମ ଅଙ୍ଗ, ଖର୍ଚ୍ଚ ହେବ ୪କୋଟି ୫୦ଲକ୍ଷ**

# ନିର୍ବାଚନ ଆଦର୍ଶ ଆଚରଣ ବିଧି ସମ୍ପର୍କିତ କର୍ମଶାଳା

**ରେଢ଼ାଖୋଲ, ୨୨।୩ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ନିର୍ବାଚନମଣ୍ଡଳୀରେ ଆଦର୍ଶ ଆଚରଣବିଧିକୁ ନେଇ ଶୁକ୍ରବାର ପ୍ରଶାସନ ଓ ଗଣମାଧ୍ୟମର ପ୍ରତିନିଧି ମାନଙ୍କ ମଧ୍ୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମୀରଞ୍ଜନ ମହନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ନିର୍ବାଚନ ଆଚରଣ ବିଧିର ବିଭିନ୍ନ ସୂଚନା ସହିତ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କୌଣସି ଜନ ସାଧାରଣ ଙ୍କ ଭୋଟ ତାଲିକା ରେ ନାମ ଅନ୍ତର୍ଭୁକ୍ତ ନାହିଁ, ତେବେ ଆସନ୍ତା ନିର୍ବାଚନରେ ଭୋଟ ଦେବା ପାଇଁ ତାଲିକା ଭୁକ୍ତ କରିହେବ। କୌଣସି ସରକାରୀ କର୍ମଚାରୀ ନିର୍ବାଚନୀ ପ୍ରଚାର ପ୍ରସାର ବେଳେ ସଂପୃକ୍ତ ରହେ ତେବେ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୌଣସି ବୁଥ କିମ୍ବା ନିର୍ବାଚନୀ ପ୍ରଚାର ବେଳେ କୌଣସି ଅସାମାଜିକ କାର୍ଯ୍ୟକଳାପ ଦେଖା ଦେବ ତେବେ ସିଭିଜିଲ ଆପ୍ ମାଧ୍ୟମରେ ଜନସାଧାରଣ ଭିଡିଓ ଓ ଫଟୋ ଦେଇ ପ୍ରଶାସନକୁ ସୂଚନା ଦେଇପାରିବେ ବୋଲି କହିଥିଲେ। ଡେପୁଟି କଲେକ୍ଟର ଶୁଭଶ୍ରୀ ସୁଚିସ୍ମିତା ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ୨୫୨ଟି ବୁଥ ରହିଛି। ତା'ମଧ୍ୟରୁ ୨୬ଟି ମଡେଲ ବୁଥ୍ ରହିଥିବା ବେଳେ ସେଥିରୁ ୧୫ଟି ପିଙ୍କ୍ ବୁଥ୍ ରହିଛି। ଏଥିରେ କେବଳ ମହିଳା ପ୍ରିଜାଇଡିଂ ଅଫିସର କାର୍ଯ୍ୟ କରିବେ। କିଛି ଗାଁରେ ଦୂରରୁ ଆସୁଥିବା ଭୋଟର ମାନଙ୍କ ଯିବାଆସିବା ପାଇଁ ଗାଡ଼ିର ବ୍ୟବସ୍ଥା କରାଯିବ। ତା ସହିତ ବିଭିନ୍ନ ବୁଥ ମାନଙ୍କରେ ବିଶୁଦ୍ଧ ପାନୀୟ ଜଳ, ଶୌଚାଳୟ, ଲାଇଟ୍, ବରିଷ୍ଠ ନାଗରିକ ପାଇଁ ବସିବାର ବ୍ୟବସ୍ଥା କରାଯିବ ବୋଲି ପ୍ରତିକ୍ରିୟା ଦେଇଥିଲେ। ଏହି କର୍ମଶାଳାରେ ଆସିଷ୍ଟାଣ୍ଟ କଲେକ୍ଟର ଚିନ୍ମୟୀ ସାହୁ ସମେତ ଅନ୍ୟ ପ୍ରଶାସନ ଅଧିକାରୀ ମାନଙ୍କ ସହିତ ସମସ୍ତ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ।

# ମହଦା ସରକାରୀ ଉପ୍ରା ବିଦ୍ୟାଳୟ ବାର୍ଷିକୋତ୍ସବ

**ବରପାଲି,୨୨।୩ (ସମିସ):** ବରପାଲି ବ୍ଲକ ମହଦା ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମର ସାହୁଙ୍କ ସଭାପତିତ୍ୱରେ ପରିଚାଳିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସିଆରସିସି ଅନୀଲ ଦାଶ, ସମ୍ମାନିତ ଅତିଥି ଭାବରେ ଶିକ୍ଷାପ୍ରେମୀ କେନାଲୁ ବାରିକ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟପ୍ରିୟ ମାହାଣା ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଅତିଥିମାନେ ସ୍କୁଲର ପରିବେଶ,ଶିକ୍ଷାଧାରା,ଶୃଙ୍ଖଳା ଓ ଛାତ୍ରଛାତ୍ରୀଙ୍କ ପାରଙ୍ଗମ ବିଷୟ ଉପରେ ଆଲୋଚନା କରିଥିଲେ। ସହକାରୀ ଶିକ୍ଷୟତ୍ରୀ ପ୍ରତିମା ସାହୁଙ୍କ ତତ୍ୱାଧାନରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିଲା। ବିଦ୍ୟାଳୟ ଅଷ୍ଟମ ଶ୍ରେଣୀ ଛାତ୍ର ରୋହନ ପୋଢ ଓ ଛାତ୍ରୀ ଏଲିନା ସାହୁ(ଖ) ଶ୍ରେଷ୍ଠ କ୍ରୀଡାବିତ ଏବଂ ଶ୍ରେଷ୍ଠ ଛାତ୍ର ରୂପେ ବିଦ୍ୟାଧର ଠାକୁର ଓ ଶ୍ରେଷ୍ଠ ଛାତ୍ରୀ ରୂପେ ଏଲିନା ସାହୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ସହକାରୀ ଶିକ୍ଷକ ସୁଦର୍ଶନ ସା ଧନ୍ୟବାଦ ଅର୍ପଣ କରିଥିଲେ।



# ଶିଶୁ ବିଦ୍ୟା ମନ୍ଦିରରେ କଣ୍ଢେଇ ଦିବସ

**ଭେଡ଼େନ, ୨୨।୩(ସମିସ):** ଖୁଣ୍ଟୁଲିପାଲିରେ ଶିଶୁ ବାଟିକା ବିଭାଗରେ ବିଶ୍ୱ କଣ୍ଢେଇ ଦିବସ ପାଳନ ହୋଇଥିଲା। ଏହି ଦିବସରେ ପ୍ରତ୍ୟେକ ଶିଶୁ ଗୋଟିଏ ଗୋଟିଏ କଣ୍ଢେଇ ଧରି ବିଦ୍ୟାଳୟକୁ ଆସିଥିଲେ। ବିଦ୍ୟାଳୟରେ ଏହି କଣ୍ଢେଇ ପ୍ରଦର୍ଶନୀ କରାଯାଇଥିଲା। ଶିଶୁ ବାଟିକା ବିଭାଗର ଜଣେ ଅଭିଭାବିକା ଗାୟତ୍ରୀ ବେହେରା ଦୀପ ପ୍ରଜ୍ୱଳନ କରି ବିଦ୍ୟାଳୟର ଶୁଭ କାମନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଭୋଜରାଜ ଦୁଆନ କଣ୍ଢେଇ ଦିବସ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଶିଶୁ ବାଟିକା ପ୍ରମୁଖ ପଦ୍ମିନୀ ଭୁଏ ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ଜଳ ଦିବସ ପାଳିତ

**ଅମ୍ବାଭୋନା, ୨୨।୩(ସମିସ)**

ଜଳ ସଂରକ୍ଷଣ ଓ ସୁପରିଚାଳନା ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଜନତା ଉଚ୍ଚ ବିଦ୍ୟାଳୟ ଭୁକ୍ତାଠାରେ ବିଶ୍ୱ ଜଳ ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ସହ ଗୋଷ୍ଠୀ ଶିକ୍ଷାଧିକାରୀ ମୋହନ ଚରଣ ମହାନ୍ତ ମୁଖ୍ୟଅତିଥି, ବିଦ୍ୟାଳୟର ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବର ମାର୍ଗଦର୍ଶକ ଶିକ୍ଷକ ସଂଜୟ ଖମାରୀ, ରାମାନୁଜନ୍ ଗଣିତ କ୍ଲବର ମାର୍ଗ ଦର୍ଶକ ଶିକ୍ଷକ ତେଜରାମ ସା, ଶିକ୍ଷକ ଆଶୁତୋଷ ଭୋଇ ମଞ୍ଚାସୀନ ଥିଲେ। ଇକୋ କ୍ଲବ ମାଷ୍ଟର ଟ୍ରେନର ତଥା ପରିବେଶବିତ ସଂଜୟ ଖମାରୀ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଜଳ ସଂରକ୍ଷଣ ଉପରେ ଆଧାରିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଆଦ୍ୟାଶା ଭୋଇ ପ୍ରଥମ, ମାନସୀ ପଟେଲ ଓ ଗୋକୁଳ ଗଡତିଆ ଯୁଗ୍ମ ଭାବରେ ଦ୍ୱିତୀୟ ଓ ବବିତା ବାରିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜଳ ସଂପର୍କିତ କୁଇଜ୍ ପ୍ରତିଯୋଗିତାରେ ତୃପ୍ତିମୟୀ ପଧାନ ପ୍ରଥମ, ଡଲି ପଟେଲ ଓ ଯଶୋବନ୍ତ ସିଂ ଯୁଗ୍ମ ଭାବରେ ଦ୍ୱିତୀୟ ଓ ମାନସୀ ପଟେଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟର ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ, ହୋମି ଭାବା ବିଜ୍ଞାନ କ୍ଲବ, ଶକ୍ତି କ୍ଲବ୍ ଓ ରାମାନୁଜନ୍ ଗଣିତ କ୍ଲବର ସଦସ୍ୟ ଅଂଶଗ୍ରହଣ କରିଥିବା ବେଳେ ଶିକ୍ଷୟିତ୍ରୀ ଅନୀତା ପଧାନ, ଶିକ୍ଷକ ଆଶୁତୋଷ ଭୋଇ, ବୋଧରାମ ବିଶ୍ୱାଳ, ଅଙ୍କିତ ମହନ୍ତ, ସୁବାସଚନ୍ଦ୍ର ଖମାରୀ, ପଦ୍ମଲୋଚନ ବିଶି, ପ୍ରଶାନ୍ତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ତେଜରାମ ସା ଧନ୍ୟବାଦ ଅର୍ପଣ କରିଥିଲେ।



### ସମ୍ମିଳିତ ଆଦିବାସୀ ସମାଜର ସାଧାରଣ ସଭା

# ପ୍ରତି ଗରିବ ପରିବାରରୁ ଜଣକୁ ଚାକିରି ଦିଆଯାଉ

ଝାରସୁଗୁଡା, ୨୨।୩ (ସମିସ)

ସମ୍ମିଳିତ ଆଦିବାସୀ ସମାଜର ସାଧାରଣ ସଭା ସଙ୍ଗଠନର ସଭାପତି ମାଧବ ସିଂହ ନାଏକଙ୍କ ସଭାପତିତ୍ୱରେ କାପୁମାଲ ଗୋଁଣ୍ଡ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପ୍ରତି ଗରିବ ପରିବାରରୁ ସର୍ବନିମ୍ନ ଜଣକୁ ଚାକିରୀ, ଜଣକୁ ଗ୍ରାଜୁଏଟ ପର୍ଯ୍ୟନ୍ତ ଶିକ୍ଷାଦାନ ଓ ଜମିହୀନ ପରିବାରକୁ ଜମି ଓ ଘରଡିହ ପଟ୍ଟା ଯୋଗାଇ ଦେବା ପାଇଁ ନିଷ୍ପତ୍ତି ହୋଇଛି। ଝାରସୁଗୁଡା ଜିଲ୍ଲା ଖଣି ଖାଦାନ,

**ଗଠନ ହେବ ଆଦିବାସୀ ଶକ୍ତି ପୀଠ ସେବା ଟ୍ରଷ୍ଟ**

ଶିଳ୍ପ କାରଖାନା ବହୁଳ ଜିଲ୍ଲା ଭାବରେ ପରିଗଣିତ ହେବା ସହ ସର୍ବାଧିକ ରାଜସ୍ୱ ଯୋଗାଇ ଆସୁଛି। ଅଥଚ ୯୦ ରୁ ୯୫ ପ୍ରତିଶତ ଗରିବ, ଖଟିଖିଆ, ମୂଲିଆ ଆଦିବାସୀ ପରିବାରମାନଙ୍କୁ ଗୋଟିଏ ହେଲେ ଚାକିରୀ ଯୋଗାଇ ଦିଆଯାଉନାହିଁ ବୋଲି ସଭାରେ କ୍ଷୋଭ ପ୍ରକାଶ କରାଯାଇଛି। ସରକାର ଆଦିବାସୀ ପରିବାରଙ୍କୁ ଜଙ୍ଗଲ ଜମି ଯୋଗାଇ ଦେବା ପାଇଁ ପ୍ରତି ତହସିଲଦାରମାନଙ୍କୁ କୋଅର୍ଡିନେଟର ଭାବରେ ନିଯୁକ୍ତି ଦେଇଥିଲେ।




ସେଥିପାଇଁ ରାଜ୍ୟର ଆଦିବାସୀ ଓ ଅର୍ଥ ବିଭାଗ ମଞ୍ଜୁରୀ ଦେଇଥିଲା। କିନ୍ତୁ ଝାରସୁଗୁଡା ଜିଲ୍ଲାରେ ଆଜି ପର୍ଯ୍ୟନ୍ତ ତାର ସୁଫଳ ମିଳିନାହିଁ। ସମ୍ମିଳିତ ଆଦିବାସୀ ସମାଜ ଦୀର୍ଘଦିନ ହେଲା ଗରିବ, ଖଟିଖିଆ, ମୂଲିଆମାନଙ୍କର ଆର୍ଥିକ, ଶିକ୍ଷା, ସାମାଜିକ ଓ ରାଜନୈତିକ ଉନ୍ନତି ପାଇଁ କାର୍ଯ୍ୟ କରିଆସୁଛି। ଝାରସୁଗୁଡା ଜିଲ୍ଲାରେ ବସବାସ କରୁଥିବା ସମସ୍ତ ଏଗାରଟି ଆଦିବାସୀ ସମାଜକୁ ନେଇ ଆଦିବାସୀ ଶକ୍ତି ପୀଠ ସେବା ଟ୍ରଷ୍ଟ ଗଠିତ ହେବ। ଜିଲ୍ଲାସ୍ତରରେ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ଭିମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳନ ହେବ। ଏହି ସଭାରେ ପ୍ରମୁଖ ସଚିବ ଅଶୋକ କୁମାର ମାଝୀ, ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ରାଜ୍ୟ ସଭାପତି ତଥା ସମ୍ମିଳିତ ଆଦିବାସୀ ସମାଜର ଉପଦେଷ୍ଟା ମହେନ୍ଦ୍ର ନାଏକ, ସଭାପତି ଡମ୍ବରୁଧର ନାଏକ, ଶ୍ୟାମଲାଲ ନାଏକ, ପ୍ରେମସାଗର ଧ୍ରୁଆ, ବିନୋଦ ବିହାରୀ ବାଗ, ରାଜେଶ ନେଟି, ତ୍ରିଲୋଚନ ଓନସନା, ବାସୁଦେବ ଧ୍ରୁଆ, ନଳିନ ନାଏକ, ତପନ କାଲୋ, ଧର୍ମେନ୍ଦ୍ର କିଷାନ, ମୂରଲୀଧର ଭୋଇ, ବୀରେନ୍ ମରେଇ, ପୁରୁଷୋତ୍ତମ ନେଟି, ରାଜେଶ ମୁଣ୍ଡା, ଲଳିନ୍ଦ୍ର ଓରାମ, ବିନୋଦ ମୁଣ୍ଡା, ଆଶାରାମ ମୁଣ୍ଡା ଦିଲୀପ ଲୁହା, ବିରେନ୍ଦ୍ର କିଷାନ, ନିର୍ମଳ ଦାଉ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଉପଲବ୍ଧି ସର୍ବେକ୍ଷଣ

**ଦେବଗଡ଼, ୨୨।୩(ସମିସ):** ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ନିର୍ଦ୍ଦେଶ କ୍ରମେ ଦେବଗଡ଼ ଜିଲ୍ଲାର ୩୦ଟି ବିଦ୍ୟାଳୟରେ ରାଜ୍ୟସ୍ତରୀୟ ଉପଲବ୍ଧି ସର୍ବେକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ ଗୌଡ଼ଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ସଂଯୋଜକ ଗୁରୁଚରଣ ବୋଦ୍ରଓ, ବ୍ଲକ ସଂଯୋଜିକା ନିବେଦିତା ବେହେରା, ମନ୍ଦାକିନୀ ଟୁଡୁ ପ୍ରମୁଖ ସର୍ବେକ୍ଷଣ ଦାୟିତ୍ୱ ନିର୍ବାହ କରିଥିଲେ। ଦେବଗଡ଼ ଜିଲ୍ଲାର ତିନୋଟି ବ୍ଲକରୁ ୩୦ଟି ବିଦ୍ୟାଳୟକୁ ସର୍ବେକ୍ଷଣ କେନ୍ଦ୍ର ଭାବେ ରାଜ୍ୟସ୍ତରରୁ ଚୟନ କରାଯାଇଥିଲା। କେନ୍ଦ୍ରର ଦ୍ୱିତୀୟ, ଚତୁର୍ଥ ଓ ସପ୍ତମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନେଇ ଭାଷା ଓ ଗଣିତ ଉପଲବ୍ଧି ଉପରେ ଏବଂ ତତ ସହିତ ବିଷୟ ଶିକ୍ଷକ, ବିଦ୍ୟାଳୟର ବିଭିନ୍ନ ସ୍ତର ସମ୍ବନ୍ଧରେ ସର୍ବେକ୍ଷଣ କରାଯାଇଥିଲା। କେନ୍ଦ୍ରଗୁଡ଼ିକରେ ସର୍ବେକ୍ଷଣ ନିମନ୍ତେ ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ୬୦ ଜଣ ଛାତ୍ରଛାତ୍ରୀଙ୍କୁ ପରିଚାଳନା ନିମନ୍ତେ ଓ ୩୦ ଜଣ ପ୍ରଧାନଶିକ୍ଷକ, ସିଆରସିସିଙ୍କୁ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଜିଲ୍ଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ, ୩ଟି ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ଅତିରିକ୍ତ ଗୋଷ୍ଠୀ ଅଧିକାରୀ ବିଭିନ୍ନ କେନ୍ଦ୍ର ପରିଦର୍ଶନ କରିଥିଲେ।



# ଦିବ୍ୟାଙ୍ଗ ପିଲାଙ୍କ ପାଇଁ ଥଣ୍ଡା ପାନୀୟ ମେସିନ

**ଝାରସୁଗୁଡା, ୨୨।୩(ସମିସ):** ଜିଲ୍ଲା ଦିବ୍ୟାଙ୍ଗ ବିଦ୍ୟାଳୟ ଦ୍ୱାରା ପରିଚାଳିତ ଝାଡ଼େଶ୍ୱରୀ ସ୍ୱତନ୍ତ୍ର ଦିବ୍ୟାଙ୍ଗ ଆବାସିକ ସ୍କୁଲରେ ଏନଟିପିସି ଜି ପାୱାର ସର୍ଭିସେସ ପ୍ରାଇଭେଟ ଲିମିଟେଡ଼ ପକ୍ଷରୁ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ଥଣ୍ଡା ପାନୀୟ ମେସିନ, ଆକ୍ୱାଗାଡ଼ ମେସିନ ପ୍ରଦାନ କରାଯାଇଛି। ଏହି ଅବସରରେ ଏନଟିପିସି ଜିର ପ୍ଲାଣ୍ଟ ମୁଖ୍ୟ ଅନନ୍ତ ଚରଣ ସାହୁ, ମାନବ ସମ୍ବଳ ମୁଖ୍ୟ ସନ୍ତୋଷ କୁମାର ପାଠକ, ଡେପୁଟି ମ୍ୟାନେଜର ସୌକତ ଚକ୍ରବର୍ତ୍ତୀ, ସହାୟକ ମ୍ୟାନେଜର ସୁନୀଲ କୁମାର ସିଂ, ବରିଷ୍ଠ ବ୍ୟବସ୍ଥାପକ କୁମାର ସୌରଭ, ବ୍ୟବସ୍ଥାପକ ମନୋଜ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ ପକ୍ଷରୁ ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ର, ସଚିବ ନିକୁଞ୍ଜ ବିହାରୀ ଜ୍ୟୋତିଷ, ଯୁଗ୍ମ ସଚିବ ବିଜୟ ସହିଗଲ, ଅଧ୍ୟକ୍ଷା ନମିତା ନାଥ, ସଭ୍ୟ ଗୁଣନିଧି ଭଇସାଙ୍କ ସମେତ ସ୍ୱତନ୍ତ୍ର ପ୍ରଶିକ୍ଷକ ପ୍ରଶିକ୍ଷିକା, କର୍ମଚାରୀ ଓ ସମସ୍ତ ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ। କମିଟି ପକ୍ଷରୁ ସଚିବ ଶ୍ରୀ ଜ୍ୟୋତିଷ ଏନଜିସିଏଲ କର୍ତ୍ତୃପକ୍ଷଙ୍କୁ ଏହି ମହାନ କାମ ପାଇଁ ସାଧୁବାଦ ପ୍ରଦାନ କରିଥିଲେ। ଏହା ସହିତ ଏନଜିସିଏଲ କର୍ତ୍ତୃପକ୍ଷ ସରବାହାଲସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭଲ ମାର୍କ ରଖି ପାସ କରିଥିବା କୃତୀ ଛାତ୍ର ଛାତ୍ରୀମାନଙ୍କୁ ଉପହାର ପ୍ରଦାନ କରି ଉତ୍ସାହିତ କରିଥିଲେ।



# ହାଇସ୍କୁଲ କର୍ମଚାରୀଙ୍କ ପରଲୋକ

**ଝାରସୁଗୁଡ଼ା, ୨୨।୩(ସମିସ):** ଲଖନପୁର ବ୍ଲକ ବାଘମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପିଅନ ଭାବରେ କାର୍ଯ୍ୟରତ ବାଘମୁଣ୍ଡା ଗ୍ରାମର ପ୍ରେମାନନ୍ଦ ରାଉତ (୫୪)ଙ୍କ ବ୍ରେନ୍ ହାମରେଜ୍‌ରୁ ଅକାଳ ବିୟୋଗ ଘଟିଛି। ଗତକାଲି ପ୍ରେମାନନ୍ଦ ବିଦ୍ୟାଳୟରେ କାର୍ଯ୍ୟରତ ସମୟରେ ପୂର୍ବାହ୍ନ ପ୍ରାୟ ୧୧ଟାରେ ତାଙ୍କ ଦେହ୍ ହଠାତ୍ ଅସୁସ୍ଥ ହୋଇଥିଲା। ଫଳରେ ସେ ଛୁଟି ପାଇଁ ଦରଖାସ୍ତ ଲେଖୁଥିବା ସମୟରେ ତଳେ ପଡ଼ିଯାଇଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ପ୍ରେମାନନ୍ଦଙ୍କୁ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟ ପରେ ପୁଣି ଅଧିକ ଚିକିତ୍ସା



ନିମନ୍ତେ ବୁର୍ଲାସ୍ଥିତ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ବୁର୍ଲା ଡାକ୍ତରଖାନାରେ ପହଞ୍ଚିବାରେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଉଚ୍ଚ ରକ୍ତଚାପ ଯୋଗୁଁ ବ୍ରେନ୍ ହାମରେଜ ହେବା ଫଳରେ ତାଙ୍କର ଏଭଳି ମୃତ୍ୟୁ ଘଟିଥିବା ଡାକ୍ତର ପ୍ରକାଶ କରିଛନ୍ତି। ମୃତ ପ୍ରେମାନନ୍ଦଙ୍କ ପରିବାରରେ ପତ୍ନୀ, ଦୁଇ ପୁଅ ଅଛନ୍ତି। ଏକମାତ୍ର ଝିଅର ବିବାହ ହୋଇସାରିଛି। ଗାଁ ନିକଟସ୍ଥ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ ପୁଅ ମହେଶ ବାପାଙ୍କୁ ମୁଖାଗ୍ନି ଦେଇଛନ୍ତି।

# ଇକୋ କ୍ଲବ ପକ୍ଷରୁ ବିଶ୍ୱ ଜଳ ଦିବସ ପାଳିତ

**ଝାରସୁଗୁଡ଼ା, ୨୨।୩(ସମିସ):** ବେଲପାହାଡ଼ ଇଂରାଜୀ ମାଧ୍ୟମ ବିଦ୍ୟାଳୟ (ବିଇଏମ୍‌ଏସ୍) ରେ ଶୁକ୍ରବାର ବିଶ୍ୱ ଜଳ ଦିବସ ପାଳନ କରାଯାଇଛି। ବିଦ୍ୟାଳୟର ଇକୋ କ୍ଲବ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଉପାଧ୍ୟକ୍ଷ ବିଜୟ କୁମାର ଗୌଡ଼ ମୁଖ୍ୟଅତିଥି ଭାବରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଇକୋ କ୍ଲବ ଇନଚାର୍ଜ ଶିକ୍ଷକ ହମିଦ କୁମାର ମହାପାତ୍ର, ସୁନନ୍ଦ କୁମାର ପଣ୍ଡା, ସୁନୀଲ କୁମାର, ସଞ୍ଜୀବ କୁମାର ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ନିଜର ମତ ପ୍ରକାଶ କରିଥିଲେ। ଛାତ୍ରମାନଙ୍କ ମଧ୍ୟରେ କ୍ରିସ୍ ଗୁପ୍ତା ଓ ଛାତ୍ରୀ ମାନଙ୍କ ମଧ୍ୟରେ ଗାୟତ୍ରୀ ଦାସ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ବର୍ତ୍ତମାନ ସମୟରେ ଜଳର ଅଭାବ ବିଶ୍ୱ ପାଇଁ ଚିନ୍ତା ପାଲଟିଛି। ତାକୁ କେମିତି ଦୂର କରାଯାଇପାରିବ ଓ କୁନି କୁନି ପିଲାମାନଙ୍କ ମନରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।



# ବିଡିଓଙ୍କୁ କୋର୍ଟ ଚାଲାଣ

**ଦେବଗଡ଼, ୨୨।୩(ସମିସ):** ଜଣେ କୁକୁଡ଼ା ଚାଷୀଙ୍କଠାରୁ ସବସିଡି ଅର୍ଥ ପାଇଁ ୫ ହଜାର ଲାଞ୍ଚ ନେବା ମାମଲାରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ରିଆମାଳ ବ୍ଲକ ଗୋଷ୍ଠୀ ପ୍ରାଣୀଧନ ଅଧିକାରୀ (ବିଭିଓ) ଡା. ସସ୍ମିତା ସେଠିଙ୍କୁ ଭିଜିଲାନ୍ସ କୋର୍ଟ ଚାଲାଣ କରାଯଇଛି।



ଶୁକ୍ରବାର ସକାଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଭିଯୁକ୍ତ ବିଭିଓଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସମ୍ବଲପୁରସ୍ଥିତ ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିବା ଡିଏସପି ଯୋଗେଶ ପଟେଲ ପ୍ରକାଶ କରିଛନ୍ତି।

ରିଆମାଳ ବ୍ଲକ ତେଲିମୁଣ୍ଡା ଗ୍ରାମର ସଚ୍ଚିଦାନନ୍ଦ ସାହୁ ନାମକ ଜଣେ କୁକୁଡ଼ା ଚାଷୀ ନିଜ ଫାର୍ମରେ ବିଦ୍ୟୁତ ସଂଯୋଗ ପାଇଁ ସାର୍ଟିଫିକେଟ ଓ ସବସିଡି ଅର୍ଥ ରିଲିଜ କରିବା ପାଇଁ ଡାକ୍ତର ସେଠି ତାଙ୍କୁ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ସଚ୍ଚିଦାନନ୍ଦ ଦେବଗଡ଼ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥି। ପୂର୍ବ ଯୋଜନା ମୁତାବକ ସଚ୍ଚିଦାନନ୍ଦ ଡାକ୍ତର ସେଠିଙ୍କୁ ୫ ହଜାର ଟଙ୍କା ଦେବା ବେଳେ ପୂର୍ବରୁ ଛକି ଥିବା ଭିଜିଲାନ୍ସ ଡିଏସ୍‌ପି ଯୋଗେଶ ପଟେଲଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଦଳ ତାଙ୍କୁ କାବୁ କରିଥିଲା।

# ଝାରମୁଣ୍ଡା ପଞ୍ଚାୟତରେ ଜିଲ୍ଲା କୃଷକ ସଂଘର୍ଷ ସଂଘର ବୈଠକ

**ଦେବଗଡ଼, ୨୨।୩(ସମିସ):** ତିଳେଇବଣି ବ୍ଲକ ଝାରମୁଣ୍ଡା ପଞ୍ଚାୟତରେ ଜିଲ୍ଲା କୃଷକ ସଂଘର୍ଷ ସଙ୍ଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସମ୍ପାଦକ ଗୁଣନିଧି ବେହେରାଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ସଙ୍ଘର ସଭାପତି ସେମ ହେମ୍ବ୍ରାମ ଯୋଗଦେଇ ମେ ୨୫ରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନରେ ଦେବଗଡ଼ ବିଧାନସଭା ମଣ୍ଡଳୀର ଚାଷୀଙ୍କ ଉନ୍ନତି ପାଇଁ ଯେଉଁ ପ୍ରାର୍ଥୀ ସଂଘର୍ଷ କରି ସୁଖଦୁଃଖରେ ଚାଷୀଙ୍କ ସହ ଛିଡା ହେବ ସେଭଳି ପ୍ରାର୍ଥୀଙ୍କ ସପକ୍ଷରେ ଜିଲ୍ଲା କୃଷକ ସଂଘର୍ଷ ସଙ୍ଘ ରହିବ ବୋଲି ପ୍ରକାଶ କରିଥିଲେ।



# ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘର ବାର୍ଷିକ ସଭା

**ଝାରସୁଗୁଡ଼ା, ୨୨।୩(ସମିସ):** ଝାରସୁଗୁଡା ରେଳବାଇ ଷ୍ଟେସନ କନକ ଦୁର୍ଗା ପେଣ୍ଡାଲରେ ଝାରସୁଗୁଡା ରେଳବାଇ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ସଭା ଏସ୍.କେ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟଅତିଥି ଭାବେ ଅଲ୍ ଓଡ଼ିଶା ପେନସନର୍ସ ଏସୋସିଏସନ୍ ଯୁଗ୍ମ ସମ୍ପାଦକ ରତ୍ନାକର ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଦେବୀପ୍ରସାଦ ମିଶ୍ର, କେକେ ତନ୍ତି ଓ ଆଇଏନ୍ ଦେଶାଇ ମଞ୍ଚାସୀନ ଥିଲେ। ବିଗତ ବର୍ଷଠାରୁ ଆଜି ମଧ୍ୟରେ ଯେଉଁ ମହାନ ଗୁଣୀ, ଜ୍ଞାନୀ ଓ ରେଲୱେ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟର ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହାପରେ ସଂଘର ସମ୍ପାଦକ ଶ୍ରୀ ମିଶ୍ର ଗତ ବର୍ଷର ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଉମେଶ ମେହେର ଆୟ-ବ୍ୟୟ ରିପୋର୍ଟ ଉପସ୍ଥାପନ କରିଥିଲେ। ଭାରତରେ ୯୭% ପ୍ରତିଶତ କର୍ମଚାରୀ ଅସ୍ଥାୟୀ ଓ ୩% କର୍ମଚାରୀ ସ୍ଥାୟୀ। ଅସ୍ଥାୟୀ କର୍ମଚାରୀଙ୍କ ସାମାଜିକ ସୁରକ୍ଷା ନାହିଁ କହିଲେ ଚଳେ। ସଭାରେ ସର୍ବସମ୍ମତିକ୍ରମେ ପୁଣିଥରେ ସଭାପତି ଏସକେ ଚକ୍ରବର୍ତ୍ତୀ, ସମ୍ପାଦକ ଦେବୀ




ପ୍ରସାଦ ମିଶ୍ର, ସାଙ୍ଗଠାନିକ ସମ୍ପାଦକ ଜିପି ବେହେରା ଓ କୋଷାଧ୍ୟକ୍ଷ ଏସ୍ ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି। ଛଅ ଜଣ ୮୦ ବର୍ଷିୟାନ୍ ପେନସନରଙ୍କୁ ଉପଢ଼ୌକନ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ବାଲାଜୀ ସକସେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ କବିତା ଦିବସ ପାଳିତ

**ଦେବଗଡ଼, ୨୨।୩(ସମିସ):** ସ୍ଥାନୀୟ ଦେବଗଡ଼ ଟାଉନ କ୍ଲବ୍ ଗୃହରେ ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦ ପକ୍ଷରୁ ବିଶ୍ୱ କବିତା ଦିବସ ପାଳିତ ହୋଇଛି। ସଂସଦର ସଭାପତି ଡକ୍ଟର ଭାରତ ଭୂଷଣ ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡକ୍ଟର ବିଜୟ ମହାରଣା, ସମ୍ମାନିତ ଅତିଥି ଭାବେ ନିରଞ୍ଜନ ଦ୍ୱିବେଦୀ ମଞ୍ଚାସୀନ ଥିଲେ। ସୁମିତ୍ରା ପୁରୋହିତଙ୍କ ସଂଯୋଜନାରେ କବିତା ପାଠ କରାଯାଇଥିଲା। ଡକ୍ଟର ରାମଚନ୍ଦ୍ର ମହାପାତ୍ର, ଫକୀର ମୋହନ ଦେହୁରୀ, ରୁବି ଦାଶ, ଅଶୋକ ମିଶ୍ର, ଜଗମୋହନ ସାହୁ, ଭ୍ରାତୃ କୁମାର ପ୍ରଫୁଲ୍ଲ, ପୁଷ୍ପାଞ୍ଜଳି ଦେବତା, ସୋନାଲିନ ସାହୁ, ମିନାକ୍ଷୀ ମିଶ୍ର, ପ୍ରଫୁଲ୍ଲ ମହାପାତ୍ର, ଗୌରହରି ଷଡ଼ଙ୍ଗୀ, ଦୁଃଖବନ୍ଧୁ ବେହେରା, ରାମଚନ୍ଦ୍ର ପ୍ରଧାନ, ଭୁପେନ୍ଦ୍ର ବାଗ, ଭ୍ରାତୃ କୁମାର ସୁଧିର, ହିମାଂଶୁ ଶେଖର ବିଶ୍ୱାଳ, ଡକ୍ଟର ସନ୍ତୋଷ ଦେବତା, ମାର୍କଣ୍ଡେଶ୍ୱର ଶତପଥୀ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ବିଭୂତି ଗଙ୍ଗଦେବ, ଟିକେଶ୍ୱର ସାହୁ ପ୍ରମୁଖ କବିତା ଆବୃତ୍ତି କରିଥିଲେ। ଚିତ୍ତରଞ୍ଜନ ଦାସ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଡକ୍ଟର ରାମଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




### ଜବରଦଖଲକାରୀଙ୍କୁ ଅନୁକମ୍ପା ଦେଖାଉଛି ପ୍ରଶାସନ

# ଶୁଣୁନି ପ୍ରଶାସନ; ବୋହୂ ସହ ବୃଦ୍ଧଙ୍କ ଧାରଣା

ଦେବଗଡ଼, ୨୨।୩(ସମିସ)

ବାରକୋଟ ବ୍ଲକ କାଉଁସିବାହାଲ ପଞ୍ଚାୟତ ଶିମିଳିନାଳୀ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖ ରାସ୍ତାକୁ ପଡୋଶୀ ଜବରଦଖଲ କରିନେଇଛନ୍ତି। ଏହି ଘରଡିହ ମାପ କରି ହସ୍ତାନ୍ତର ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜଣେ ମହିଳା ତାଙ୍କ ଶଶୁରଙ୍କ ସହ ଧାରଣାରେ ବସିଥିବା ଦେଖିବାକୁ ମିଳିଛି।

**-ଘରଡ଼ିହ ଚିହ୍ନଟ କରି ହସ୍ତାନ୍ତରରେ ସହଯୋଗ ମିଳୁନି**
**-ଦେଢ଼ ବର୍ଷ ଧରି ତହସିଲ, ଆର୍‌ଆଇ ଅଫିସକୁ ଧାଇଁ ନୟାନ୍ତ**
**-ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କ ଆଦେଶକୁ ବେଖାତିର**

ଶିମିଳିନାଳୀ ଗ୍ରାମର ଡମ୍ବରୁଧର ବେହେରାଙ୍କ ଘର ସମ୍ମୁଖରେ ଥିବା ରାସ୍ତାକୁ ପଡୋଶୀ କୁମୁଦ ଧଳ ଜୋର ଜବରଦସ୍ତ ଜବର ଦଖଲ କରିନେଇଛନ୍ତି। ଏଣୁ ଡମ୍ବରୁଙ୍କ ପରିବାର ନିଜ ଘରକୁ ଯିବାକୁ ରାସ୍ତା ସଂକୀର୍ଣ୍ଣ ହୋଇପଡ଼ିଛି। ଏହି ଜାଗାକୁ ନେଇ ପଡୋଶୀଙ୍କ ସହ ଆଲୋଚନା ମାଧ୍ୟମରେ କୌଣସି ସମାଧାନ ହୋଇପାରିନି। ଡମ୍ବରୁ ଏବଂ ତାଙ୍କ ପରିବାର ସଦସ୍ୟ ଏହାର ସମାଧାନ ପାଇଁ ବଳମ ରାଜସ୍ୱ ନିରୀକ୍ଷକ, ବାରକୋଟ ତହସିଲଦାରଙ୍କ ନିକଟକୁ ଦେଢ଼ ବର୍ଷ ଧରି ଗୁହାରି କରିଆସୁଛନ୍ତି। ଏହାସତ୍ତ୍ୱେ କୌଣସି ସୁଫଳ ମିଳୁନି। ଏଭଳିକି ଉପ ଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ମାମଲାର ସମାଧାନ ପାଇଁ ଦରଖାସ୍ତ କରିଥିଲେ। ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ବାରକୋଟ ତହସିଲକୁ ଘଟଣାର ତଦନ୍ତ ପୂର୍ବକ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବାରକୋଟ ତହସିଲ ଓ ବଳମ ରାଜସ୍ୱ ନିରୀକ୍ଷକ ଜିଲ୍ଲାପାଳଙ୍କ ଆଦେଶକୁ ମଧ୍ୟ ଅଣଦେଖା କରି କୁମୁଦ ଧଳଙ୍କ ସପକ୍ଷରେ ଯୁକ୍ତି ବାଢୁଛନ୍ତି। ଏଣୁ ଡମ୍ବରୁଙ୍କ ପରିବାର ହତାଶ ହୋଇପଡ଼ିଛନ୍ତି। ଶେଷରେ ଡମ୍ବରୁଧର ଓ ବୋହୂ ରଶ୍ମିରେଖା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ବାଧ୍ୟ ହୋଇଛନ୍ତି। ସୂଚନାଯୋଗ୍ୟ, ରଶ୍ମିରେଖା ମଧ୍ୟ ଏ ନେଇ ଜିଲ୍ଲା ପ୍ରଶାସନ ନିକଟରେ ଏକାଧିକବାର ଅଭିଯୋଗ କରିଛନ୍ତି। ଗତ ୧୫ ତାରିଖ ଦିନ ଜିଲ୍ଲାପାଳଙ୍କ ନିକଟରେ ଏହି ଘଟଣାର ପୁନଃ ସମାଧାନ ପାଇଁ ଆବେଦନ କରିଥିଲେ। ଏକ ସପ୍ତାହ ମଧ୍ୟରେ ସମାଧାନ ପାଇଁ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରା ନ ଗଲେ ୨୨ ତାରିଖରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିବାକୁ ଲିଖିତ ଚେତାବନୀ ଦେଇଥିଲେ।



# ଇଣ୍ଟରସିଟିରେ ଲାଗିଲା ନିଆଁ

**ରେଢ଼ାଖୋଲ, ୨୨।୩(ସମିସ):** ଭୁବନେଶ୍ୱର-ରାଉରକେଲା ଇଣ୍ଟରସିଟିରେ ଶୁକ୍ରବାର ଅପରାହ୍ନ ପ୍ରାୟ ୪.୪୦ରେ ସର୍ଗିପାଲି ହାଣ୍ଡପା ନିକଟ ରେଳଷ୍ଟେସନ ଟ୍ରେନ୍‌ରେ ନିଆଁ ଲାଗିଥିବା ଦେଖାଯାଇଥିଲା। ସୂଚନାଯୋଗ୍ୟ, ଭୁବନେଶ୍ୱରରୁ ରାଉରକେଲା ଅଭିମୁଖେ ଯାଉଥିବା ଇଣ୍ଟରସିଟି ଟ୍ରେନ୍‌ର ଇଞ୍ଜିନ ସେଲ ପାଖରେ ବ୍ରେକ୍ ବାଇଡିଂ ଠାରେ ହଠାତ୍ ନିଆଁ ଲାଗିଯାଇଥିଲା। ଟ୍ରେନ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ। ରେଢ଼ାଖୋଲ ଠାରେ ବିଭାଗୀୟ ଅଧିକାରୀମାନେ ଟ୍ରେନ୍‌ର ତଦାରଖ କରିଥିଲେ। ଏ ସଂକ୍ରାନ୍ତରେ ରେଢ଼ାଖୋଲ ଷ୍ଟେସନ ମାଷ୍ଟର ସନ୍ଦୀପ ତିଶି ଚନ୍ଦନ ରାୟ କହିଥିଲେ ଯେ, ଆଲୁମିନିୟମ ବ୍ରେକ୍-ସୋ ଘଷିହେବା ଯୋଗୁଁ ନିଆଁ ଲାଗିଥିଲା। ସଙ୍ଗେ ସଙ୍ଗେ ନିଆଁକୁ ଆୟତ୍ତ କରାଯାଇ କଣ୍ଟ୍ରୋଲ୍ ରୁମ୍‌କୁ ଖବର ଦିଆଯାଇଥିଲା। ଯାତ୍ରୀମାନଙ୍କ ପ୍ରତି କୌଣସି ପ୍ରକାର ବିପଦ ନାହିଁ। ଏବେ ସବୁକିଛି ଠିକ୍‌ଠାକ୍ ଚାଲିଛି ବୋଲି କହିଥିଲେ।



# ଟ୍ରାକ୍ଟର ସହ କାଠ ଜବତ

**ଦେଓଗାଁ, ୨୨।୩(ସମିସ):** ଦେଓଗାଁ ଥାନା ଅନ୍ତର୍ଗତ ପଦମପୁର ଗ୍ରାମ ନିକଟରେ ଏକ ନମ୍ବର ବିହୀନ ଜନଡିୟର ଟ୍ରାକ୍ଟରରେ ଶାଳ ପିଆଶାଳ, ଖଇର ଆଦି ୩୧୮ଟି ବଲି ବୋଝେଇ ହୋଇ ଚାଲାଣ ହେଉଥିବା ବେଳେ ବନବିଭାଗ ଚଢ଼ଉକରି ଜବତ କରିଛି। ଖବରପାଇ ରେଞ୍ଜର ଯୁଧିଷ୍ଠିର ଜାଲଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ବ୍ୟାସଦେବ ସାହୁ, ଜନ୍ମେଜୟ ପାଣିଗ୍ରାହୀ ସମେତ ପାରାଷ୍ଟାଫ ଚଢ଼ଉକରିଥିବା ବେଳେ କାଠଚାଲାଣ କରୁଥିବା ଅଭିଯୁକ୍ତମାନେ ଟ୍ରାକ୍ଟର ଛାଡି ଫେରାର ମାରିଥିବା ଫରେଷ୍ଟର ସାହୁ ସୂଚନା ଦେଇଛନ୍ତି।



# ଟାଉନ ପୁଲିସ ବିରୋଧରେ ଏସପିଙ୍କୁ ଅଭିଯୋଗ

**ବଲାଙ୍ଗିର, ୨୨।୩(ସମିସ):** ଅକାରଣେ, ଅସମୟରେ ପୁଲିସ ଆସି ଆମକୁ ହିନସ୍ତା କରିଛି। ଅଭିଯୋଗ କଣ ତାହା ନକହି ଝିଅ ବାହାଘର ପ୍ରସ୍ତାବ ପାଇଁ କାର୍ଯ୍ୟକ୍ରମ ଚାଲିଥିବାବେଳେ ପୁଲିସ ଆସିବାରୁ ଆମକୁ ଆମର ବନ୍ଧୁବାନ୍ଧବ ଆଡ ଆଖିରେ ଚାହୁଁଛନ୍ତି। ବର୍ତ୍ତମାନ ସୁଦ୍ଧା ପୁଲିସ ଆମକୁ ଅଭିଯୋଗ ସମ୍ପର୍କରେ ସୂଚନା ଦେଇନାହିଁ। ତେଣୁକରି ପୁଲିସର କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ଆମେ ଏସପିଙ୍କ ଦ୍ୱାରସ୍ଥ ହୋଇଛୁ ବୋଲି କହିଛନ୍ତି ବଲାଙ୍ଗିର ସହର ଉପକଣ୍ଠସ୍ଥ ଖଲିଆପାଲି ଗ୍ରାମର ସୁଦର୍ଶନ ବିଶ୍ୱାଲ। ତାଙ୍କର କହିବା ଅନୁସାରେ ଗତ ବୁଧବାର ଦିନ ତାଙ୍କର ଭଉଣୀ ବାହାଘର ପାଇଁ ପିନ୍ଧାନୀ କାର୍ଯ୍ୟକ୍ରମ ଚାଲିଥିଲା। ବରପକ୍ଷ ଓ କନ୍ୟାପକ୍ଷର ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ବନ୍ଧୁବାନ୍ଧବ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ସମୟରେ ଟାଉନ ଥାନାର ଜଣେ ପୁଲିସ ଅଧିକାରୀ ଓ ତିନିଜଣ କର୍ମଚାରୀ ଆସିଥିଲେ। ସେମାନେ ବନମାଳୀ ବିଶ୍ୱାଲଙ୍କୁ ଖୋଜିଥିଲେ। ତାଙ୍କ ଗ୍ରାମର ଚୈତନ୍ୟ ଗଡ଼ତ୍ୟା ତାଙ୍କ ବିରୋଧରେ ଅଭିଯୋଗ କରିଥିବାବେଳେ ସେ କଣ ଅଭିଯୋଗ କରିଛନ୍ତି ତାହା କହି ନଥିଲେ। ଫଳରେ କାର୍ଯ୍ୟକ୍ରମ ସମୟରେ ଉପସ୍ଥିତ ଥିବା ପରିଜନଙ୍କ ମଧ୍ୟରେ ସନ୍ଦେହ ଜାତ ହୋଇଥିଲା। ଏପରିକି ଅଧା ଲୋକ କିଛି ନଖାଇ ସେଠାରୁ ଚାଲିଯାଇଥିଲେ। ତା ପରଦିନ ସେମାନେ ଟାଉନ ଥାନାକୁ ଲିଖିତ ଭାବରେ ଆବେଦନ କରିଛନ୍ତି।

ଫେଲ୍ ମାରିଛି ରାଜାବସା ପ୍ରକଳ୍ପ

# ଚାଷୀଙ୍କ ହିତରେ ଆସୁନି ୧୪ କୋଟିର ସେଚ ପ୍ରକଳ୍ପ





**ବୌଦ୍ଧ, ୨୨।୩(ସମିସ)**

କୃଷି ଓ କୃଷକର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନାରେ ବିପୁଳ ପରିମାଣରେ ଅର୍ଥ ଯୋଗାଇ ଦେଉଛନ୍ତି; କିନ୍ତୁ ପ୍ରଶାସନର ଅବହେଳାରୁ ତୃଣମୂଳସ୍ତରରେ ବାସ୍ତବ ଚିତ୍ର ଦେଖିଲେ ଯୋଜନାର ସଫଳ ରୂପାୟନ ହୋଇଥିବା ପ୍ରତୀୟମାନ ହେଉନାହିଁ। ଏହି କ୍ରମରେ ହରଭଙ୍ଗା ବ୍ଲକର ମହାଲିକପଡ଼ା ପଞ୍ଚାୟତର ବଡଜୁର ନାଳରେ ନିର୍ମାଣ ହୋଇଥିବା ରାଜାବସା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କେତେ ଦୁର କୃଷି ଓ କୃଷକର ବିକାଶରେ ସହଯୋଗ କରି ପାରିଛି ତାହା ସହଜରେ ଦୃଶ୍ୟମାନ ହୋଇପାରିଛି।

୧୪ କୋଟି ଟଙ୍କା ବ୍ୟୟ ଅଟକଳରେ ବୌଦ୍ଧ କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ନିର୍ମିତ ରାଜାବସା ପ୍ରକଳ୍ପ ଆଜି ପୋତି ହୋଇ ମରୁଭୂମି ପାଲଟିବା ସହ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ଉପାନ୍ତ ଆଦିମ ଅଧିବାସୀ ଅଧ୍ୟୁଷିତ ମହାଲିକପଡ଼ା ବଡ଼ଜୋର ନାଳର ରାଜାବସା ପ୍ରକଳ୍ପ ୨୦୦୯ ମସିହାରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ୯ କୋଟି ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ପ୍ରକଳ୍ପ ଅସମ୍ପୂର୍ଣ୍ଣ ଦର୍ଶାଇ ପୁନର୍ବାର ୫ କୋଟି ଟଙ୍କା ବିନିଯୋଗ କରାଯାଇ ୨୦୧୭ ସୁଦ୍ଧା କାମ ସମ୍ପୂର୍ଣ୍ଣ ହୋଇଥିଲା। କୃଷି କାମ ପାଇଁ ମହାଲିକପଡ଼ା, କୁଶଙ୍ଗ, ହରଭଙ୍ଗା ଭଳି ୩ ଗୋଟି ପଞ୍ଚାୟତର ସଂକୁରି, ପଇଦାଭୂଇଁ, ଭାବପୁର, ହାତୀଗଡ଼, ଘୁଙ୍ଗୁରୁପଡ଼ା, ନୂଆପଡ଼ା, କୁମାରୀ, ଅତଲସରା, କୁଶଙ୍ଗ, ଭଗାମୁଣ୍ଡା, ଅଯୋଧ୍ୟା, ଅରଖପଦର, କୁଟୀଝାର ମୌଜାର ଚାଷୀଙ୍କୁ ପାଣି ଯୋଗାଇବା ପାଇଁ ଉକ୍ତ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ତେବେ ୭ ବର୍ଷ ପୂର୍ବରୁ କାର୍ଯ୍ୟ ଶେଷ ହେବାଠାରୁ ଆଦୌ କାର୍ଯ୍ୟକାରୀ ହୋଇନାହିଁ। ଚିର ମରୁଡ଼ି ପ୍ରପୀଡ଼ିତ ଉପାନ୍ତ ଅଞ୍ଚଳର ଜନ ସାଧାରଣଙ୍କ ଦୀର୍ଘ ଦିନର ଆଶା ମାଉଳି ଯାଇଛି। ସରକାରଙ୍କ କୋଟି କୋଟି ଟଙ୍କା ପାଣିରେ ପଡ଼ିବା ସହ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁ ଚନ୍ଦ୍ରିକାରେ ଉକ୍ତ ପ୍ରକଳ୍ପ ଆଜି ଦିଗହରା ହୋଇପଡ଼ିଛି। ତେବେ କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀଙ୍କ କହିବା ପ୍ରକାରେ ପଡୋଶୀ କୁଶଙ୍ଗ ପଞ୍ଚାୟତର ତିରଡ଼ ମେଗା ଉଠା ଜଳସେଚନ ପ୍ରକଳ୍ପର ସେଚାଞ୍ଚଳ ମଧ୍ୟରେ ରାଜବସା ପ୍ରକଳ୍ପ ଆସୁଥିବା ଯୋଗୁଁ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇନାହିଁ। ଅପର ପକ୍ଷରେ ୨୦୧୭ ମସିହାରୁ ଆରମ୍ଭ ହୋଇଥିବା ତିରଡ଼ ମେଗା ଉଠା ଜଳସେଚନ ପ୍ରକଳ୍ପ ମଧ୍ୟ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ତେବେପ ୍ରକଳ୍ପ ପାଇଁ ଡିପିଆର ପ୍ରସ୍ତୁତ ବେଳେ ଏସବୁ ଦିଗ ପ୍ରତି ଯତ୍ନବାନ ହେବାର ଆବଶ୍ୟକତା ରହିଛି। ସରକାରୀ ବାବୁମାନଙ୍କ ମଧ୍ୟରେ ସମନ୍ୱୟ ଅଭାବ ହେଉ ଅଥବା ଖାମଖିଆଲି ମନୋଭାବ ହେତୁ ବ୍ୟାପକ ସରକାରୀ ଅର୍ଥ ବରବାଦ ହେଉଛି। ଏହାକୁ ବୁଦ୍ଧିଜୀବି, କୃଷକ, ପରିବେଶବିତ ସହଜରେ ଗ୍ରହଣ କରି ପାରୁ ନ ଥିବା ବେଳେ ଚାଷୀ କିନ୍ତୁ ଟୋପାଏ ପାଣି ପାଇଁ ଡହକବିକଳ ହେଉଛି।

କେନ୍ଦୁପତ୍ର ତୋଳାଳି, କର୍ମଚାରୀଙ୍କ ବିଶାଳ ସମାବେଶ

# ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଲା ସଂଘ

**ରେଢ଼ାଖୋଲ, ୨୨।୩(ସମିସ):** ରେଢ଼ାଖୋଲ ନିର୍ବାଚନମଣ୍ଡଳୀର କଦଳିଗଡ଼ ହାଟପଦାରେ ଆଠମଲ୍ଲିକ କେନ୍ଦୁପତ୍ର ଡିଭିଜନସ୍ତରୀୟ ଦାବି ପୂରଣ ଦିବସ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ରାଜ୍ୟ ସଂଘର ସଭାପତି ବିଜୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରେଢ଼ାଖୋଲ ବ୍ଲକର କଦଳିଗଡ଼, କୁକୁଡ଼ାବହାଲି, ବଡବହାଲ ଗ୍ରାମ ପଞ୍ଚାୟତରକୁ ନେଇ ଗଠିତ ବଂଶାଜାଲ ଓ କଦଳିଗଡ଼ ରେଞ୍ଜ ସମେତ ଆଠମଲ୍ଲିକ ଡିଭିଜନର ସମସ୍ତ ରେଞ୍ଜର ହଜାର ସଂଖ୍ୟାରେ ତୋଳାଳି, କର୍ମଚାରୀ ଯୋଗ ଦେଇଥିଲେ। ସରକାର ସେମାନଙ୍କ ଦାବି ପୂରଣ କରିଥିବାରୁ ଏହି ଅବସରରେ କେନ୍ଦୁଲିଭ ୱେଲଫେୟାର ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି, ରାଜ୍ୟ ଉପସଭାପତି ବିନୋଦ ପ୍ରଧାନ, ରାଜ୍ୟ ସମ୍ପାଦକ ତଥା ବିଜେଡ଼ି ଜିଲ୍ଲା ଉପସଭାପତି ମହମ୍ମଦ ମୃତୁଜା, ଡିଭିଜନ ସମ୍ପାଦକ କିଶୋର ପ୍ରଧାନ, ଯୁଗ୍ମ ସମ୍ପାଦକ ନବ ମହାର, ଛାତ୍ର ବିଜେଡ଼ି ଜୋନ ସଭାପତି ମିଲନ ହୋତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଦରମା ବୃଦ୍ଧି, କନ୍ୟା ବିବାହ, ବୋନସ ପରିମାଣ ବୃଦ୍ଧି, କାର୍ଯ୍ୟ ଦିବସ ବୃଦ୍ଧି ଆଦି ବିଭିନ୍ନ ଦାବି ନେଇ ସଂଘ ଦୀର୍ଘଦିନରୁ ଦାବି କରିଆସୁଥିଲା। ସରକାର ଏହାକୁ ହୃଦୟଙ୍ଗମ କରି ଗତ ଫେବୃଆରୀ ୧୧ତାରିଖରେ ଚାରମାଳଠାରେ ଅନୁଷ୍ଠିତ ଐତିହାସିକ ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଦାବି ପୂରଣର ଘୋଷଣା କରିଥିଲେ। ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଜେଡ଼ି ଜିଲ୍ଲା ସାଧାରଣ ସମ୍ପାଦକ ଧୀରେନ ଦେବତା, ନିରଞ୍ଜନ ଦେହୁରୀ, ବିଜୟ ପ୍ରଧାନ, ରମେଶ ବିଶ୍ୱାଳ, ଶମ୍ଭୁନାଥ ପ୍ରଧାନ, ହୃଷିକେଶ ପ୍ରଧାନ, ସୁରେଶ ପ୍ରଧାନ, ଧରଣୀଧର କମ୍ପ, ସୁର ମାନି ପ୍ରଧାନ, ଅଚ୍ୟୁତ ପାତ୍ର, ସୁରେଶ ସାହୁ, ଅନିତା ନାୟକ, ପ୍ରମିଳା ପ୍ରଧାନ, ଯୁବ ବିଜେଡ଼ି ଜିଲ୍ଲା ଉପ ସଭାପତି ସୁମିତ ପଟେଲ, ଜୋନ ଉପସଭାପତି ଦେବ ଜ୍ୟୋତି ପଟ୍ଟନାୟକ, ବିଜେଡ଼ି ଜୋନ ଉପ ସଭାପତି ମଣ୍ଟୁ ମହାନ୍ତି, ଜିଲ୍ଲା ସମ୍ପାଦକ ଚୁମନ ପ୍ରଧାନ, ପ୍ରମୁଖ ସମେତ ହଜାର ସଂଖ୍ୟାରେ ଜନ ସାଧାରଣ ଉପସ୍ଥିତ ରହିଥିଲେ।




# ଦୁର୍ଘଟଣା ଘଟାଇ ଫେରାର ଥିବା ଟ୍ରାକ୍ଟର ଜବତ

**ଶଗଡ଼ା, ୨୨।୩(ସମିସ):** ବୌଦ୍ଧ ମନମୁଣ୍ଡା ପୁଲିସ ଦୁର୍ଘଟଣା ଘଟାଇ ଫେରାର ଥିବା ଏକ ଟ୍ରାକ୍ଟରକୁ ଜବତ କରିଛି। ଶୁଣ୍ଠିପଦର ପଞ୍ଚାୟତ ସେକାମାଲ୍ ଗ୍ରାମ ନିକଟରେ ଗତ ୨୯ ଜାନୁଆରୀ ସକାଳ ୯ଟାରେ ଏକ ବାଇକ୍‌କୁ ଏହି ଗାଡ଼ିଟି ଧକ୍କା ଦେଇଥିଲା। ଦୁର୍ଘଟଣାରେ ବାଇକ୍ ଚାଳକ ଶୁଣ୍ଠିପଦର ଗ୍ରାମର ସନ୍ତୋଷ ଦୀପ (୩୨) ବାଇକ୍ ସହ ଛିଟିକି ପଡ଼ି ରାସ୍ତା କଡ ବିଲରେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାକୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସଂକ୍ରାନ୍ତରେ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ଶେଷରେ ପୁଲିସ ଦୁର୍ଘଟଣା ଘଟାଇ ଥିବା ଟ୍ରାକ୍ଟରକୁ ମହତ୍‌ପୁର ଗ୍ରାମରୁ ଜବତ୍ କରିଛି। ସୂଚନାଯୋଗ୍ୟ, ଟ୍ରାକ୍ଟର ଜବତ କରିବା ସହ ଡ୍ରାଇଭରକୁ ଗିରଫ ପାଇଁ ଆମ୍ବେଦକର ଦଳିତ ବିକାଶ ମଞ୍ଚ ମନମୁଣ୍ଡା ଥାନାରେ ଦାବିପତ୍ର ପ୍ରଦାନ କରିଥଲା।

# କଂଗ୍ରେସ କର୍ମୀ ସମ୍ମିଳନୀ

**ବେଲପଡା, ୨୨।୩(ସମିସ):** ବେଲପଡା ବ୍ଲକ ନୁନହାଡସ୍ଥିତ ଆମ୍ରତୋଟାଠାରେ ଜୋନ୍ ନଂ ୨୫ ସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ ସହ ମିଶ୍ରଣ ପର୍ବ କଂଗ୍ରେସ ବ୍ଲକ ସଭାପତି ପତିତପାବନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିସିସି ସଭ୍ୟ ଅନୀଲ ମେହେର ଯୋଗ ଦେଇଥିଲେ। ଏଥିରେ ବନମାଳି ମେହେର, ଚନ୍ଦନ ସାହୁ, ସାଧୁ ଚରଣ ମେହେରଙ୍କ ସମେତ ୨ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ।

# ଖବରକାଗଜ ବିତରକଙ୍କୁ ଶ୍ରଦ୍ଧାଞ୍ଜଳି

**ହରଭଙ୍ଗା, ୨୨।୩(ସମିସ):** ହରଭଙ୍ଗା ବ୍ଲକ ପୁରୁଣାକଟକ ଖବର କାଗଜ ବିତରକ ତଥା ଯୁବ ବ୍ୟବସାୟୀ ଶଶୀକାନ୍ତ ସାହୁଙ୍କ ବିୟୋଗରେ ସ୍ଥାନୀୟ ବ୍ୟବସାୟୀ ସଙ୍ଘ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ପୁରୁଣାକଟକ ବ୍ୟବସାୟୀ ସଙ୍ଘ ତରଫରୁ ସ୍ଥାନୀୟ ଭୈରବୀ କ୍ଲବରେ ଏକ ଶୋକସଭା ଆୟୋଜନ କରାଯାଇଥିଲା। ଏଥିରେ ସଦସ୍ୟମାନେ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ।

# ଦାମ ରାଉତଙ୍କ ବିୟୋଗରେ ଶୋକସଭା

**ସୋନପୁର, ୨୨।୩(ସମିସ):** ବିଶିଷ୍ଟ ରାଜନେତା ଡା. ଦାମୋଦର ରାଉତଙ୍କ ବିୟୋଗରେ ସୁବର୍ଣ୍ଣପୁର ଜିଲ୍ଲାରେ ଶୋକର ଛାୟା ଖେଳି ଯାଇଛି। ଶୁକ୍ରବାର ସକାଳରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଅଫିସ ନିକଟରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦିବଂଗତ ନେତାଙ୍କ ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଛି। ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ତ୍ରିପାଠୀ, ଶ୍ରମିକ ନେତା ଗୋବିନ୍ଦ ମହାରଣା, ଯୁଧିଷ୍ଠିର ସାହୁ, ଲଡୁକିଶୋର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଜାତୀୟ ସବ୍‌ଜୁନିୟର ଅସିଚାଳନା ପାଇଁ ଦଳ ଚୟନ




**ବଲାଙ୍ଗିର, ୨୨।୩ (ସମିସ):** ଆନ୍ଧ୍ରପ୍ରଦେଶରେ ୨୫ ମାର୍ଚ୍ଚରୁ ୨୮ ମାର୍ଚ୍ଚ ପର୍ଯ୍ୟନ୍ତ ହେବାକୁ ଥିବା ସବ୍‌ଜୁନିଅର ଅସିଚାଳନା ପ୍ରତିଯୋଗିତାରେ ଭାଗ ନେବା ପାଇଁ ଓଡ଼ିଶା ଦଳରୁ ୧୯ ଜଣ ମନୋନୀତ ହୋଇଛନ୍ତି। ବଲାଙ୍ଗିର ରାଜେନ୍ଦ୍ର ନାରାୟଣ ସିଂହଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସରେ ଗତ ୨ ମାର୍ଚ୍ଚରୁ ରାଜ୍ୟ ଅସିଚାଳନା କ୍ୟାମ୍ପରେ ମୋଟ ୩୫ ଜଣ ଖେଳାଳି ମଧ୍ୟରୁ ୧୯ ଜଣ ଖେଳାଳିଙ୍କୁ ଚୟନ କରାଯାଇଛି। ଉଭୟ ବାଳକ ଓ ବାଳିକା ବର୍ଗରେ ଦଳ ଘୋଷିତ ହୋଇଥିବା ବେଳେ ସୁକାନ୍ତ ସେଠ, ରୋଶନ ସାହୁ ପ୍ରଶିକ୍ଷକ ରହିଛନ୍ତି। ଏନେଇ ଅନୁଷ୍ଠିତ ସମାରୋହକୁ ରାଜ୍ୟ ଅସିଚାଳନା ସଂଘର ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ପରିଚାଳନା କରିଥିଲେ। ସଂଘର ସଭାପତି ଅନଙ୍ଗ ଉଦୟ ସିଂଦେଓ ଖେଳାଳିଙ୍କୁ ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିଥିଲେ।

# ବୁବେଲରେ କଂସ ଦରବାର

**ବଲାଙ୍ଗିର/ମହିମୁଣ୍ଡା, ୨୨।୩(ସମିସ):** ବଲାଙ୍ଗିର ଜିଲ୍ଲା ପୁଇଁତଲା ବ୍ଲକ ବୁବେଲ ଗ୍ରାମରେ କଂସ ଦରବାର ଆୟୋଜିତ ହୋଇଛି। ଫାଲଗୁନ ପୂର୍ଣ୍ଣିମା ପାଳନ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପୁଇଁତଲା ବ୍ଲକ ଅଧ୍ୟକ୍ଷ ସରୋଜ ପ୍ରଧାନ ଯୋଗଦେଇଥିଲେ। ମହାରାଜଙ୍କ ନିର୍ଦ୍ଦେଶ ଅନୁସାରେ, ସେ ତାଙ୍କ ଅଞ୍ଚଳର ସମାଚାର ପ୍ରଦାନ କରିଥିଲେ। ପୁଇଁତଲା ବ୍ଲକରେ କଣ ସବୁ କାମ ହୋଇଛି ଓ ଆଗାମୀ ଦିନରେ କେଉଁସବୁ କାମ କରିବାକୁ ଯୋଜନା କରିଛନ୍ତି ତାହା କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷଙ୍କ ସହ ବୁବେଲ ସରପଞ୍ଚ ସବିତା ମିଶ୍ର ଉପସ୍ଥିତ ଥିଲେ।



# ବେପାରୀଙ୍କୁ ଟାଣୁଛି ମାଁଙ୍କ ହାତ ତିଆରି ପାମ୍ପଡ଼

**ବଲାଙ୍ଗିର/ମହିମୁଣ୍ଡା, ୨୨।୩(ସମିସ)**

ଆଜିର ସମୟରେ ମହିଳାମାନେ ଗୃହିଣୀରୁ ରୋଜଗାରିଣୀ ହୋଇପାରିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସେମାନେ ବିଭିନ୍ନ କାମ କରି ନିଜର ଦକ୍ଷତା ଦେଖାଉଛନ୍ତି। ଶିଳ୍ପକଳା, ହସ୍ତତନ୍ତ, କୃଷି, ନିର୍ମାଣ କାମ ଓ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ବେଶ୍ ଭଲ ରୋଜଗାର କରୁଛନ୍ତି। ପରିବାର ପୋଷଣରେ ମୁଖିଆଙ୍କ ହାତ ବଟାଉଛନ୍ତି। ଏହିକ୍ରମରେ ପୁଇଁତଲା ବ୍ଲକ ଅଧୀନସ୍ଥ ଭାଲେର ପଞ୍ଚାୟତ ଅଞ୍ଚଳର ମହିଳାଙ୍କୁ ପରିଚୟ ଆଣିଦେଇଛି ତାଙ୍କର ହାତ ତିଆରି ପାମ୍ପଡ଼। ରକମ ରକମର ପାମ୍ପଡ ତିଆରି କରି ବିକ୍ରି କରୁଛନ୍ତି। ତାଙ୍କ ପାଇଁ ସ୍ୱତନ୍ତ୍ର ବଜାର ବ୍ୟବସ୍ଥାଟିଏ ନଥିବାରୁ ତାଙ୍କର ବ୍ୟବସାୟ ବୃଦ୍ଧି ହୋଇପାରୁନାହିଁ।

ଭାଲେର ପଞ୍ଚାୟତର ବିଜାବାହାଲି, ଲେପଟା, ପୁଡାପାଲି, ଫଟକରା ଓ ଭାଲେର ଗ୍ରାମରେ ଗଠନ କରଯାଇଥିବା ସ୍ୱୟଂ ସହାୟକ ଦଳକୁ ନେଇ ଗଠନ ହୋଇଛି ଭାଲେର ଜିପିଏଲଏଫ। ଏହାର ଦକ୍ଷ ନଥିପତ୍ର ଲେଖିକା ବା ଏମବିକେ ଦାୟିତ୍ୱରେ ମନିମା ଦାସ ରହିଛନ୍ତି। ତାଙ୍କର କହିବାନୁସାରେ, ଭାଲେର ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଏସଏଚଜିର ମହିଳା ବର୍ତ୍ତମାନ ପାମ୍ପଡ ତିଆରି କାମ କରୁଛନ୍ତି। ଭାଲେର ପଞ୍ଚାୟତ ଜିପିଏଲଏଫ ଜରିଆରେ ସେମାନେ ବିକ୍ରି କରିବାକୁ ଯୋଜନା କରିଥିଲେ। ହାଇଦ୍ରାବାଦର ଏକ କମ୍ପାନୀ ଆସି ସବୁ ପାମ୍ପଡ କିଣିନେବ ବୋଲି ପ୍ରତିଶ୍ରୁତି ଦେଇଥିଲା। ହେଲେ କିଛିମାସ ପରେ ସେ କମ୍ପାନୀ ପାମ୍ପଡ ନେବା ବନ୍ଦ କରିଦେଲା। ଏବେ ବଲାଙ୍ଗିର ଜିଲ୍ଲା ସମେତ କନ୍ଧମାଳ, ବୌଦ୍ଧ, ସୋନପୁର ଅଞ୍ଚଳର ପେବାରୀମାନେ ଆସି ତାଙ୍କର ପାମ୍ପଡ କିଣି ନେଉଛନ୍ତି। ତଥାପି ମହିଳାଙ୍କ ହାତ ତିଆରି ପାମ୍ପଡ ବିକ୍ରି ପାଇଁ ବଜାର ବ୍ୟବସ୍ଥା ନଥିବାରୁ ବ୍ୟବସାୟରେ ବୃଦ୍ଧି ହେଉ ନଥିବା ଏମବିକେ ଅନିମା ଦାସ କହିଥିଲେ। ହାତ ତିଆରି ପାମ୍ପଡ ମହିଳାଙ୍କୁ ରୋଜଗାର ଓ ପରିଚୟ ଦେଇଛି ସତ; କିନ୍ତୁ ବଜାର ବ୍ୟବସ୍ଥା ନଥିବାରୁ ଆୟ କମିଯାଉଛି। ଜିଲ୍ଲା ଓରମାସ ଓ ବ୍ଲକ ପ୍ରଶାସନ ମହିଳାଙ୍କ ସମସ୍ୟା ପ୍ରତି ଦୃଷ୍ଟିଦେଇ ସମାଧାନର ବାଟ କାଢିବାକୁ ମହିଳା ମାନେ ଦାବି କରିଛନ୍ତି।



ବଜାର ବ୍ୟବସ୍ଥା ହେଉ: ଏମ୍‌ବିକେ

# ବିଶ୍ୱ ବନ ଦିବସରେ ଦେଓଗାଁ ହାଇସ୍କୁଲ ପୁରସ୍କୃତ

**ଦେଓଗାଁ, ୨୨।୩(ସମିସ):** ଦେଓଗାଁ ହାଇସ୍କୁଲକୁ ବୃକ୍ଷରୋପଣ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇଥିବାରୁ ବିଶ୍ୱ ବିନ ଦିବସ ପାଳନ ଅବସରରେ ବଲାଙ୍ଗିର ଜିଲ୍ଲା ବନାଞ୍ଚଳାଧିକାରୀଙ୍କ କାର୍ଯ୍ୟାଳୟଠାରେ ପୁରସ୍କୃତ କରାଯାଇଥିବାରୁ ଦେଓଗାଁରେ ଖୁସିର ଲହରୀ ଖେଳିଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଗୌରଭ ଶିବାଜୀ ଇସଲୱାର ହାଇସ୍କୁଲର ପ୍ରଧାନ ଶିକ୍ଷକ ଅମ୍ବରିଶ ଭୋଇଙ୍କୁ ସମ୍ମାନିତ କରିଥିଲେ। ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।



# ଆଜିବି ଧରାପଡିନି ଚୋର
# ଡିଏଚ୍ଏଚ୍‌ରେ ଶିଶୁପୁତ୍ର ଚୋରିକୁ ପୂରିଲା ୫ ବର୍ଷ

**ସମ୍ବଲପୁର, ୨୨।୩(ସମିସ)**

୨୦୧୭ ମାର୍ଚ୍ଚ ୨୩ ତାରିଖ ଠିକ୍ ଆଜିର ଦିନରେ ସମ୍ବଲପୁର ଜିଲ୍ଲା ସଦର ଡାକ୍ତରଖାନାରେ ଘଟିଥିଲା ଏକ ଅମାନବୀୟ ଘଟଣା। ଝୁଝୁମୁରା ଥାନା ଆମଲିପାଣି ଗ୍ରାମର ମାଝୀ ପରିବାର ପୁତ୍ର ସନ୍ତାନ ପାଇ ଖୁସିରେ ନାଚିଥିଲେ। ତେବେ ମାତ୍ର ୨ଘଣ୍ଟା ଭିତରେ ଡିଏଚ୍ଏଚ୍‌ରୁ ଶିଶୁପୁତ୍ର ଚୋରି ହୋଇଗଲା। ଇତିମଧ୍ୟରେ ଘଟଣାକୁ ୫ବର୍ଷ ବିତିଯାଇଛି। ଆଜିପର୍ଯ୍ୟନ୍ତ ସେହି ସମୟକୁ ଭୁଲିପାରି ନାହାନ୍ତି ପୂରା ପରିବାର। ଶିଶୁପୁତ୍ରକୁ ନିଶ୍ଚିତ ରୂପେ ପାଇବେ ବୋଲି ଆଶା ରଖିଥିଲେ ଦମ୍ପତି ଅନିରୁଦ୍ଧ ଓ ଗୀତାଞ୍ଜଳି ଏବଂ ଜେଜେ ସୁଦର୍ଶନ। ତେବେ ପାଇଥିଲା। ହେଲେ ଆଶ୍ଚର୍ଯ୍ୟର କଥା ସବୁପ୍ରକାର ପ୍ରମାଣ ଥାଇ ସୁଦ୍ଧା ପୁଲିସ ମହିଳାଙ୍କୁ ଧରିପାରି ନାହିଁ। ଦରିଦ୍ର ପରିବାର ହୋଇଥିବାରୁ ପୁଲିସ ସେମାନଙ୍କ ପ୍ରତି ନଜର ଦେଲାନାହିଁ ବୋଲି ସ୍ପଷ୍ଟ ହେଉଛି। ପରିବାରବର୍ଗ ପୁଲିସ, ପ୍ରଶାସନ, ଜନପ୍ରତିନିଧି, ସାମାଜିକ କର୍ମୀଙ୍କ ପାଖରେ ବାରମ୍ବାର ଅନୁରୋଧ କରିଥିଲେ। ପୁଲିସ ଏତେ ବଡ଼ ଘଟଣାକୁ କାହିଁକି ହାଲୁକା ଭାବେ ନେଇଗଲା ତାହା ବଡ଼ ପ୍ରଶ୍ନ ସୃଷ୍ଟି କରୁଛି। ଦିନକୁ ଦିନ ବିତିଯାଉଛି। ପୁଲିସ ବିଭାଗର ଜିଲ୍ଲା ମୁଖିଆ ଠାରୁ ଟାଉନଥାନା

- ପ୍ରମାଣ ଥାଇ ପୁଲିସ୍ ବିଫଳ
- ପୁଲିସ୍ ରୁ ଭରସା ତୁଟିଗଲାଣି
- ଦମ୍ପତି ଏବେ ଦାଦନ



ବର୍ଷ ପରେ ବର୍ଷ ୫ବର୍ଷ ବିତିଯିବା ପରେ ସେମାନଙ୍କ ଆଶା ମଉଳି ଯାଉଛି। ପୁଲିସ ଉପରେ ଆଉ ତାଙ୍କ ଭରସା ନାହିଁ। ଆଶ୍ଚର୍ଯ୍ୟର କଥା ସବୁ ପ୍ରକାର ପ୍ରମାଣ ଥାଇ ପୁଲିସ ଅପହର୍ତ୍ତାଙ୍କୁ ଧରିପାରି ନାହିଁ। ଶିଶୁପୁତ୍ରକୁ ହରାଇଥିବା ଦମ୍ପତି ପେଟପାଟଣା ପାଇଁ ଏବେ ସେମାନେ ଦାଦନ ଖଟିବାକୁ ଅନ୍ୟତ୍ର ଯାଇଛନ୍ତି। ଚୋରି କରୁଥିବା ମହିଳାଙ୍କ ସିସିଟିଭି ଫୁଟେଜ୍ ମଧ୍ୟ ପୁଲିସ ଅଧିକାରୀମାନେ ବଦଳି ଗଲେଣି। ଘଟଣାକୁ ପୁରୁଣା ବୋଲି ଆଉ ନଜର ଦେଉନାହାନ୍ତି।

ସୂଚନାଯୋଗ୍ୟ, ଗତ ୨୦୧୭ ମହିହା ମାର୍ଚ୍ଚ ୨୩ ତାରିଖ ଦିନ ଆମଲିପାଣି ଗ୍ରାମର ଗୀତାଞ୍ଜଳି ସକଳେ ଗର୍ଭ ଯନ୍ତ୍ରଣା ହେବାରୁ ପରିବାରବର୍ଗ ଜିଲ୍ଲା ସଦରଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅପରାହ୍ନ ୧୨ ଟାରେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ ଗୀତାଞ୍ଜଳି। ମାଁ ଓ ଜେଜେ ମାଁ କୋଳରେ କିଛି ସମୟ ଶିଶୁ ପୁତ୍ର ରହିଥିଲା। ଏହାପରେ ବେଡ୍ ପାଖ ଝୁଲଣାରେ ନର୍ସ ଶୁଆଇ ଦେଇଥିଲେ। ଠିକ୍ ୨ଟା ସମୟରେ ଗୀତାଞ୍ଜଳିଙ୍କ ଆଖି ଖୋଲିଥିଲାବେଳେ ଝୁଲଣାରେ ପୁଅ ନ ଥିବା ଦେଖିବାକୁ ପାଇଥିଲେ। କେହି ଜଣେ ପିଲାକୁ ଚୋରି କରି ନେଇଯାଇଥିବା ପ୍ରଚାର ହୋଇଥିଲା। ପୂରା ମେଡିକାଲରେ ଆଲୋଡନ ସୃଷ୍ଟି ହୋଇଥିଲା। ପୁଲିସକୁ ଖବର ଦିଆଯାଇଥିଲା। ହେଲେ ପୁଲିସ ବିଳମ୍ବରେ ପହଞ୍ଚିଥିଲା। ଅଭିଯୋଗ ରଖି ତଦନ୍ତ ଆରମ୍ଭ କଲା।ମେଡିକାଲର ସମସ୍ତ ସିସିଟିଭି ଯାଞ୍ଚ କରିଥିଲା। ଜଣେ ୪୦/୫୦ବର୍ଷର ମହିଳା ଶୁଶୁପୁତ୍ରକୁ ନେଇ ମେଡିକାଲ ବାହାରକୁ ଯାଉଥିବା ଜଣାପଡ଼ିଥିଲା। ପରେ ଏକ ସ୍କୁଟର୍‌ରେ ଜଣେ ପୁରୁଷଙ୍କ ସହ କୁଆଡ଼େ ଚାଲିଯାଇଥିଲା। ସ୍ଥାନୀୟ ଲୋକମାନେ ମଧ୍ୟ ପୁଲିସକୁ ବୟାନ ଦେଇଥିଲେ। ପୁଲିସ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳକୁ ଆସି ତଦନ୍ତ କରିଥିଲେ। ପିଲା ପାଇଲେ ଘରକୁ ଯିବି ବୋଲି ଦମ୍ପତି ଜିଦ୍ କରିଥିଲେ। ପ୍ରାୟ ଦେଢମାସ ଧରି ମେଡିକାଲ ବ୍ୟାଡ୍‌ରେ ପଡ଼ିରହିଥିଲେ। କିଛି ଲାଭ ହେଲାନାହିଁ। ପୁଲିସ ଠକି ଚାଲିଲା, ମିଥ୍ୟା ପ୍ରତିଶ୍ରୁତି ଦେଇଚାଲିଲା। ନିହାତି ଗରିବ ପରିବାର ହୋଇଥିବାରୁ ନିରାଶ ହୋଇ ଘରକୁ ଫେରିଗଲେ। ଏମିତିରେ ପାଞ୍ଚବର୍ଷ ବିତିଗଲାଣି, ବୋଧେ ପୁଲିସ୍ ବି ଭୁଲିଯାଇଥିବ।

# ହୀରାକୁଦରେ ଝାଡ଼ାବାନ୍ତି: ୪୫ ଆକ୍ରାନ୍ତ



**ହୀରାକୁଦ, ୨୨।୩(ସମିସ):** ହୀରାକୁଦ ସହରର ବିଭିନ୍ନ ପଡ଼ାରେ ଝାଡାବାନ୍ତି ବ୍ୟାପୀ ଗତକାଲି ଠାରୁ ଆଜିପର୍ଯ୍ୟନ୍ତ ୪୨ଜଣ ଆକ୍ରାନ୍ତ ହେଲେଣି। ସେଥିମଧ୍ୟରୁ ପାଞ୍ଚଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ପଠାଯାଇଛି। ବର୍ତ୍ତମାନ ୨୫ଜଣ ହୀରାକୁଦ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଡାକ୍ତରଖାନାରେ କୌଣସି ବେଡ୍ ଖାଲି ନଥିବାରୁ ବାରଣ୍ଡାରେ ଚିକିତ୍ସିତ ହେଉଛନ୍ତି। ୧୨ଜଣଙ୍କ ଅବସ୍ଥାରେ ସୁଧାର ହେବାରୁ ସେମାନେ ଘରେ ରହି ଚିକିତ୍ସିତ ହେଉଛନ୍ତି। ଆଶାକର୍ମୀ ଓ ଏନ୍ଏମ ଦିଦିମାନେ ଘରକୁ ଘର ବୁଲି ସର୍ଭେ କରୁଛନ୍ତି। ଆଜି ଏକ ଟିମ୍ ଆସି ସେଠାରୁ ପାଣି ଓ ମାଟିର ନମୂନା ପରୀକ୍ଷା ପାଇଁ ନେଇଛନ୍ତି। ପ୍ରାଥମିକ ତଦନ୍ତରୁ ଏହାର କାରଣ ପାଣି ବୋଲି କୁହାଯାଉଛି। ତେଣୁ ପାଣିକୁ ଫୁଟାଇ ବ୍ୟବହାର କରିବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ସହରର ମୁଖ୍ୟତଃ କାଲୁପଡ଼ା, ଗୌଡ଼ପଡ଼ା, ଷ୍ଟୋରଛକ, କଦମପଡ଼ା, ଖ୍ରୀଷ୍ଟିଆନପଡ଼ା ତଥା ତରାସିଂପଡ଼ାରେ ଝାଡ଼ାବାନ୍ତି ବ୍ୟାପୀଥିବା ଜଣାପଡ଼ିଛି। ଏଥି ପୂର୍ବରୁ କିଛି ମାସ ତଳେ ମହମଦପୁର୍ ଓ ଗୁଣ୍ଡୁରୁପଡ଼ାରେ ମଧ୍ୟ ଏପରି ଅବସ୍ଥା ହୋଇଥିଲା। ବାରମ୍ବାର ପାଇପ୍ ଫାଟି ରହୁଥିବାରୁ ସେଥିରେ ଦୂଷିତ ପାଣି ମିଶୁଥିବା ଏବଂ ଲୋକେ ଏପରି ରୋଗର ଶିକାର ହେଉଥିବା ଆଲୋଚନା ହେଉଛି।

**ଦୂଷିତ ପାନୀୟ ଜଳ ସନ୍ଦେହ**

## ହାତୀ ଭାଙ୍ଗିଦେଲା ସ୍କୁଲ ଘର

**ମାନେଶ୍ୱର, ୨୨।୩(ସମିସ):** ମାନେଶ୍ୱର ବ୍ଲକ ଡକରା ପଞ୍ଚାୟତ ଯାଦୁଲୁଇସିଂରେ ଗତ ରାତିରେ ଏକ ହାତୀ ପଶି ଉପଦ୍ରବ କରିଥିଲା। ଉକ୍ତ ପ୍ରାଥମିକ ବିଦ୍ୟାଳୟର ଝରକା ସବୁ ଭାଙ୍ଗି ଦେଇଥିଲା। ବନବିଭାଗ ଖବର ପାଇ ପହଞ୍ଚିବା ପରେ ଗାଁ ଲୋକଙ୍କ ସହ ମିଶି ହାତୀକୁ ଗାଁଠାରୁ ଦୂରକୁ ଘଉଡ଼ାଇଥିଲେ। ସାତଦିନ ଭିତରେ ଦ୍ୱିତୀୟଥର ଏହି ସ୍କୁଲ ଉପରେ ହାତୀ ଆକ୍ରମଣ କରିଛି। ଗତ ଗୁରୁବାର ରାତିରେ ମଧ୍ୟ ସ୍କୁଲର ରୋଷାଇ ଘର କବାଟ ଭାଙ୍ଗି ତିନି ପକେଟ ଚାଉଳ ନେଇଯାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। କିଛିଦିନ ପୂର୍ବରୁ ହାତୀ ଆକ୍ରମଣରେ ଜଣକର ମୃତ୍ୟୁ ମଧ୍ୟ ଘଟିଥିଲା।

## କବି ସମ୍ମିଳନୀ ପାଇଁ ପ୍ରସ୍ତୁତି

**ଜମନକିରା, ୨୨।୩(ସମିସ):** ଜମନକିରା ସଦର ମହକୁମା ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମୁକ୍ତେଶ୍ୱର ସାହିତ୍ୟ ସଂସଦ ଜମନକିରା ଓ ସୁବର୍ଣ୍ଣ ସ୍ମୃତି ସଂସଦ ଜମନକିରାର ମିଳିତ ଆନୁକୂଲ୍ୟରେ କବି ସମ୍ମିଳନୀ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସର୍ବସମ୍ମତି କ୍ରମେ ଆସନ୍ତା ୭ ତାରିଖରେ ଜମନକିରା ମହାବିଦ୍ୟାଳୟ ପ୍ରାଙ୍ଗଣରେ ଷଷ୍ଠ ବାର୍ଷିକ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଓ କବିତା ପାଠ ମହୋତ୍ସବ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ବୈଠକରେ ମୁକ୍ତେଶ୍ୱର ସାହିତ୍ୟ ସଂସଦ ଜମନକିରା ଓ ସବର୍ଣ୍ଣ ସ୍ମୃତି ସଂସଦ ଜମନକିରା ସଭାପତି ମୁରଲୀଧର ନାଏକ, ସମ୍ପାଦକ ପ୍ରମୋଦ କୁମାର ନାୟକ, ପ୍ରଫୁଲ୍ଲ କୁମାର ମହାପାତ୍ର, ପ୍ରଦ୍ୟୁମ୍ନ ବିଶି, ନନ୍ଦଲାଲ ସାହୁ, ପ୍ରଦୀପ ପଟେଲ ସହିତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଲୋକ ଜନଶକ୍ତି ପାର୍ଟିର ସାମ୍ବାଦିକ ସମ୍ମିଳନୀ

**ଜମନକିରା, ୨୨।୩(ସମିସ):** ଓଡ଼ିଶାର ବିକାଶ ପାଇଁ କାମ କରିବ ଲୋକ ଜନଶକ୍ତି ପାର୍ଟି। ଲୋକଙ୍କ ପାଖକୁ ପହଞ୍ଚି କାମ କରିବ। କେନ୍ଦ୍ର ସରକାରଙ୍କ ବିଫଳ ଯୋଜନା ଗୁଡ଼ିକ ଉପରେ ଲୋକଙ୍କୁ ସଚେତନ କରିବ ବୋଲି ଜମନକିରାରେ ସାମ୍ବାଦିକ ସମ୍ମିଳନୀରେ ଲୋକ ଜନଶକ୍ତି ପାର୍ଟି ସମ୍ବଲପୁର ଜିଲ୍ଲା ସଭାପତି ଶରତ ଚନ୍ଦ୍ର ରଣବିଡ଼ା କହିଛନ୍ତି। ସେ ଆହୁରି କହିଛନ୍ତି, ନିର୍ବାଚନରେ ତାଙ୍କ ଦଳ ଗରିବ କଲ୍ୟାଣ ଇସ୍ତାହାର ନେଇ ଲୋକଙ୍କ ପାଖକୁ ଯିବ। ଲୋକଙ୍କ ଆର୍ଥିକ ସ୍ଥିତି ଯେଭଳି ସ୍ୱଚ୍ଛଳ ହୋଇପାରିବ ସେଥିପାଇଁ ତାଙ୍କ ଦଳ ଉଦ୍ୟମ ଜାରୀ ରହିବ। ମହିଳା ସଶକ୍ତିକରଣ ପାଇଁ ଯେଉଁ ଅନୁଦାନ ମିଳୁଛି, ମହିଳାମାନଙ୍କୁ ତାହା ପୂରା ଟଙ୍କା ମିଳୁନାହିଁ। ଗ୍ରାମାଞ୍ଚଳ ମହିଳାଙ୍କ ନିକଟକୁ ପୂରା ଟଙ୍କା ପହଞ୍ଚିବା ଦିଗରେ ଦଳ କାର୍ଯ୍ୟ କରିବ। କୁଚିଣ୍ଡା ଉପଖଣ୍ଡ ଅଞ୍ଚଳର ଅସମାହିତ ସମସ୍ୟା ଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ଲୋକ ଜନଶକ୍ତି ପାର୍ଟି କାର୍ଯ୍ୟ କରିବ ବୋଲି ସୁରେନ୍ଦ୍ର ବାଘ ସୂଚନା ଦେଇଥିଲେ। ଚାଷୀ ଭାଇ ମାନଙ୍କ ଏମଏସପି, ବୋନସ ବୃଦ୍ଧି ସହ ଶିକ୍ଷା, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କ୍ଷୀପ୍ର ବିକାଶ ପାଇଁ ଦଳ କାମ କରିବ ବୋଲି କହିଛନ୍ତି।

## ହନୁମାନ ଓ ଶନି ମନ୍ଦିର ପ୍ରତିଷ୍ଠା ସମ୍ପନ୍ନ

**ପଡ଼ିଆବାହାଲ, ୨୨।୩(ସମିସ):** ପଡ଼ିଆବାହାଲ ନିକଟସ୍ଥ କୁଲୁଣ୍ଡି ଗ୍ରାମପଞ୍ଚାୟତ ବଡ଼କୁଣ୍ଡେଇସରାରେ ନବନିର୍ମିତ ହନୁମାନ ଓ ଶନି ମନ୍ଦିରର ପ୍ରତିଷ୍ଠା ଉତ୍ସବ ଗୁରୁବାର ସମ୍ପନ୍ନ ହୋଇଯାଇଛି। ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବା ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସହସ୍ରାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। କର୍ତ୍ତା ଦାୟିତ୍ୱରେ ପ୍ରସନ୍ନ ପଧାନ ଓ ଦୀପ୍ତିମଞ୍ଜରୀ ପଧାନ, ମନୋଜ ସାହୁ ଓ ରଞ୍ଜିତା ସାହୁ, ସୁଦୀପ ନାଥ ଓ ମୀରାଶ୍ରୀ ନାଥ, ଖିତେନ୍ଦ୍ର ସାହୁ ଓ ଚନ୍ଦ୍ରକାନ୍ତି ସାହୁ ରହିଥିଲେ। ପଣ୍ଡିତ ଶାଶ୍ୱତ ବଡ଼ପଣ୍ଡା, ପୁରୁଷୋତ୍ତମ ମହାପାତ୍ର, ପ୍ରଶାନ୍ତ ନାୟକ, ସମିତ ପଣ୍ଡା, ମାନସ ପୁରୋହିତ, ଅଜୟ ନାୟକ, ଶ୍ରୀକାନ୍ତ ପଣ୍ଡା ଓ ବିଦ୍ୟାଭୂଷଣ ନାୟକ ପୂଜା କାର୍ଯ୍ୟ ତୁଲାଇଥିଲେ। ପ୍ରତି ସନ୍ଧ୍ୟାରେ ଭଜନ, କୀର୍ତ୍ତନ୍ୟ ତଥା କୃଷ୍ଣଗୁରୁ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇଥିଲା। କମିଟିର ବାବୁଲା ସାହୁ, ପ୍ରଶାନ୍ତ ନାଥ, ପ୍ରଦୀପ ସାହୁ, ଡମ୍ବରୁ ବେହେରା, ଭୁବନେଶ୍ୱର ସାହୁ, ଭରତ ନାଏକ, କାର୍ତ୍ତିକ ସାହୁ, ମହେନ୍ଦ୍ର ନାଥ, ଦୁର୍ଗା ପଧାନ, ମିହିର ପଧାନ, ଅଶ୍ୱିନୀ କୈବର୍ତ୍ତ, ଅକ୍ଷୟ ସାହୁ, କୁନା ବସନ୍ତରା, ସଞ୍ଜୀବ ସାହୁ, ସଦାଶିବ ସାହୁ, ଅଜୁ ସାହୁ, ଆକାଶ ପଧାନ, ସପ୍ନେଶ୍ୱର ନାୟକ ଓ ପ୍ରମୋଦ ସାହୁ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## କରାଟେ ପ୍ରତିଯୋଗିତା

**ବାମରା, ୨୨।୩(ସମିସ):** ବାମରା ବ୍ଲକ ସଦରସ୍ଥିତ ଏଡୁଭେଣ୍ଟିଭ ଅନୁଷ୍ଠାନ ପକ୍ଷରୁ କରାଟେ ପ୍ରତିଯୋଗିତା ହୋଇଯାଇଛି। ଅନୁଷ୍ଠାନର ଛାତ୍ର ରାଜ୍ୟସ୍ତରୀୟ ସ୍ୱର୍ଣ୍ଣ ପଦକ ବିଜେତା ହେମସାଗର କିସାନ ଜମ୍ମୁ କାଶ୍ମୀରରେ ହେବାକୁ ଥିବା ୨୩ତମ ଜାତୀୟ ସବ୍‌ଜୁନିଅର ଉଶୁ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି। ସେ ବାମରାର ପ୍ରଥମ ପ୍ରତିଯୋଗୀ ଭାବେ ଜାତୀୟସ୍ତରରେ ଅଂଶଗ୍ରହଣ ପାଇଁ ଯୋଗ୍ୟତା ହାସଲ କରିଥିବାରୁ ଅନୁଷ୍ଠାନର ସଂଯୋଜକ ସନ୍ଦୀପ ଖଣ୍ଡେଲୱାଲ, ପ୍ରଶିକ୍ଷକ ବ୍ଲେକ ବେଲ୍ଟ ସେକେଣ୍ଡ ଡେନ୍ ସୁଜାତା ସାହୁ ତାଙ୍କୁ ଶୁଭକାମନା ଜଣାଇଛନ୍ତି। ଅନ୍ୟବର୍ଗରେ ହେମସାଗର କିସାନ ଓ ସିଙ୍କି ପ୍ରସାଦ ବ୍ଲୁ ବେଲ୍ଟ, ନିଷ୍କର୍ଷ ରଏ ଓ ଅମଲାନ ରାଉତ ଓରେଞ୍ଜ ବେଲ୍ଟ ତଥା ସକ୍ଷମ ସିଂ ଠାକୁର ଓ ନିଶାନ୍ତ ପ୍ରସାଦ ସା ୟେଲୋ ବେଲ୍ଟ ବିଜେତା ଘୋଷିତ ହୋଇଛନ୍ତି।

# ଅଦିନିଆ କୁଆପଥର; ବ୍ୟାପକ ଫସଲ ନଷ୍ଟ



**ଝୁଝୁମୁରା, ୨୨।୩(ସମିସ):** ଝୁଝୁମୁରା ବ୍ଲକର ଟାମ୍ପରଗଡ଼ ପଞ୍ଚାୟତରେ କାଳବୈଶାଖୀ ପ୍ରଭାବରେ ଅଦିନିଆ କୁଆପଥର ମାଡ଼ ପାଇଁ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏଥି ପାଇଁ ଆଜି ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ସରପଞ୍ଚଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହା ସହ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ସରପଞ୍ଚ କ୍ଷିରୋଦ ରାଉଳଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ବିଶେଷ କରି ପଞ୍ଚାୟତର ଟାମ୍ପରଗଡ଼ ଖରୁରିପାଲି, ବାସୁପାଲି ଓ ଟାମ୍ପରଗଡ଼ ଗ୍ରାମରେ ଅଦିନିଆ କୁଆପଥର ମାଡ଼ ପନିପରିବା ଚାଷ ବେଶ କ୍ଷତିଗ୍ରସ୍ତ ହୋଇଛି। ତେଣେ ଏନେଇ କ୍ଷତିଗ୍ରସ୍ତ ଲୋକେ ସରପଞ୍ଚଙ୍କୁ ଅଭିଯୋଗ କରିବାପରେ ସରପଞ୍ଚ ନିଜେ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବା ସହ ଝୁଝୁମୁରା ତହସିଲଦାର, ଆର ଆଇ ଓ କୃଷି ବିଭାଗଙ୍କୁ ଏନେଇ ଅବଗତ କରାଯାଇଥିବା ନେଇ ସୂଚନା ମିଳିଛି।

**ପଡ଼ିଆବାହାଲ, ୨୨।୩(ସମିସ):** ଗୁରୁବାର ସନ୍ଧ୍ୟାରେ କାଳବୈଶାଖୀ ବର୍ଷା ସହ ଅନେକ ସ୍ଥାନରେ କରାମାଡ଼ ହୋଇଥିଲା। ଏଥିଯୋଗୁଁ ବିଭିନ୍ନ ଗ୍ରାମରେ ଫସଲହାନୀ ହୋଇଥିବାର ସୂଚନା ମିଳିଛି। ଜମନକିରା ବ୍ଲକ ଖର୍ସନମାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ କାଣିବନ୍ଧଲି ଗ୍ରାମରେ ନିତ୍ୟାନନ୍ଦ ପଧାନଙ୍କ ଟମାଟୋ ଚାଷ କରାମାଡ଼ରେ ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଥିବାର ସୂଚନା ମିଳିଛି। ଏହାଛଡ଼ା ଗ୍ରାମର ପବିତ୍ର ଖମାରୀ, ନିର୍ମଳ ପଧାନ, ପ୍ରଦୀପ ପଧାନ, ଡୋଳାମଣି ପଧାନ,



ଶଙ୍କର ପଧାନ, କିଶୋର ପଧାନ, ଭକ୍ତ ପଧାନ, ଅଶୋକ ସାହୁ, ରଘୁନନ୍ଦନ ସାହୁ, ଲୋକନାଥ ସାହୁ ଓ ଶ୍ରୀତମ ସାହୁଙ୍କର ବିଭିନ୍ନ ପନିପରିବା ଚାଷ କରାମାଡ଼ରେ ନଷ୍ଟ ହୋଇଛି। ଏ ନେଇ ଉପରୋକ୍ତ ଚାଷୀମାନେ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ଚାଷୀମାନଙ୍କ ଚାଷ ନଷ୍ଟ ଦେଖିବା ପାଇଁ ସଂପୃକ୍ତ ଅଧିକାରୀ ଆସି ଦେଖିଯାଇଛନ୍ତି। ଏପରିକି ଝୁଝୁମୁରା ବ୍ଲକର ଡଙ୍ଗରପଡ଼ା, କବରାପାଲି, ଜୟନ୍ତପୁର, ଘେନୁପାଲି, ନୂଆଁବରଙ୍ଗାମାଲ, ବାହାମ, କୁକୁଡାପାଲି ପ୍ରଭୃତି ପଞ୍ଚାୟତରେ ବ୍ୟାପକ ପନିପରିବା ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି।

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ



**ସମ୍ବଲପୁର,୨୨।୩(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକର କଦଳିଗଡ଼ ଗ୍ରାମବାସୀ ନିଜେ ପାଇଥିବା ଜମିପଟ୍ଟାର ଜମି ଚିହ୍ନଟ ଓ ଜମିଦଖଲ ମିଳିନଥିବାରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀ କହିଛନ୍ତି ଯେ ସରକାରଙ୍କ ପକ୍ଷରୁ ଗ୍ରାମର ବହୁ ଲୋକମାନଙ୍କୁ ୪ ଡିସିମିଲ ଜମିପଟ୍ଟା ଦିଆଯାଇଛି। କିନ୍ତୁ ପ୍ରଶାସନର ଅବହେଳା ପାଇଁ ଗ୍ରାମବାସୀ ଜମିପଟ୍ଟା ପାଇଥିବା ବେଳେ ପାଇଥିବା ଜମିର ଚିହ୍ନଟ ଓ ଦଖଲ ସେମାନଙ୍କୁ ମିଳି ପାରିନାହିଁ। ଏନେଇ ବହୁବାର ତହସିଲଦାରଙ୍କ କାର୍ଯ୍ୟାଳୟରେ ଜଣାଇବା ପରେ ବି କୌଣସି ସୁଫଳ ମିଳି ନଥିବା ବେଳେ ପୂର୍ବରୁ ମଧ୍ୟ ଜିଲ୍ଲାପାଳଙ୍କୁ ଅବଗତି କରାଯାଇଛି। ତେଣେ କୌଣସି ସୁଫଳ ନମିଳିବାରୁ ଆଜି ପୁଣି ଥରେ ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲ୍ଲାପାଳଙ୍କୁ ଏନେଇ ଦାବିପତ୍ର ପ୍ରଦାନ କରିଛନ୍ତି।

## ଗଳ୍ପପୁସ୍ତକ 'ହାତୀ ଶିଖିଲା ବୁଦ୍ଧି' ଉନ୍ମୋଚିତ

**ରେଢାଖୋଲ, ୨୨।୩(ସମିସ):** କବିତା ମନର ଦୁଃଖକୁ ଦୂର କରେ। ମଣିଷ ଯେତେବେଳେ ଦୁଃଖଯନ୍ତ୍ରଣାରେ ଜର୍ଜରିତ ଥାଏ ସେତେବେଳେ କବିତା ରଚନା ହେଉ ବା କବିତାଟିଏ ପାଠ କରିଦେଲେ ମନଟା ହାଲକା ଲାଗିଥାଏ। କବିତା ଲେଖିବା ପାଗଳାମୀ ନ ହେଲେ ସୃଷ୍ଟି କରାଯାଇ ପାରିବ ନାହିଁ ବୋଲି ବିଶ୍ୱ କବିତା ଦିବସ ଅବସରରେ ଆୟୋଜିତ ସାହିତ୍ୟ ଆସରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ କଦଳୀଗଡ଼ ପଞ୍ଚାୟତ ସ୍ଥିତ ଅର୍ଜୁନ ଡିଗ୍ରୀ ସ୍ନାତକ ମହାବିଦ୍ୟାଳୟଠାରେ ସଭାପତି କୃଷ୍ଣଚନ୍ଦ୍ର ହୋତାଙ୍କ ସଭାପତିତ୍ୱରେ ସୁଚିତ୍ରା ପବ୍ଲିକେସନ୍ ଡଇଁଚା ତରଫରୁ ଶିଶୁ ସାହିତ୍ୟିକ ସନ୍ତୋଷ କୁମାର ରଥଙ୍କ ଗଳ୍ପ ପୁସ୍ତକ 'ହାତୀ ଶିଖିଲା ବୁଦ୍ଧି' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ବୌଦ୍ଧର କବି କିଶୋର ମିଶ୍ର, ମୁଖ୍ୟବକ୍ତା ଭାବରେ ବରଗଡ଼ର କବି ତଥା ଅଧ୍ୟାପକ ବିପିନ୍ ମହାନନ୍ଦ ଏବଂ ସମ୍ମାନିତ ଅତିଥି ଭାବରେ ଅର୍ଜୁନ ଡିଗ୍ରୀ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଖିଳେନ୍ଦ୍ର ଶାସନୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବୌଦ୍ଧର ଅଧ୍ୟାପକ ଦେବବ୍ରତ ପଶାୟତ ପ୍ରମୁଖ ଯୋଗଦେଇ ସାରା ବିଶ୍ୱ ଆଜି କବିତାମୟ ହୋଇ ଯାଉ, କବିତା ମନକୁ ଦୁଃଖ ଲାଘବ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ବିଶ୍ୱ କବିତା ଦିବସ ଅବସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ଅଚ୍ୟୁତାନନ୍ଦ ବିଶ୍ୱାଳ, ରମେଶ ମେହେର, ଗୀତାରାଣୀ ସାହୁ, କୁଳମଣୀ ମେହେର, ଆକାଶ ସାହୁ, ସନ୍ତୋଷ କୁମାର ରଥ ପ୍ରମୁଖ କବିତା ପାଠ କରିଥିଲେ। କଲେଜର ଛାତ୍ରୀ ଅଙ୍କିତା, ସରୀତା, ସାଗରୀକା, କରିସ୍ମା ପ୍ରମୁଖ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ସୁଚିତ୍ରା ପତ୍ରିକାର ସଂପାଦକ କନ୍ଦର୍ପ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଅଧ୍ୟାପକ ବୈନତେୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ସଶକ୍ତୀକରଣ ନେଇ ଜେଏସଡବ୍ଲ୍ୟୁର କାର୍ଯ୍ୟକ୍ରମ

**ସମ୍ବଲପୁର, ୨୨।୩(ସମିସ):** ଜେଏସ୍‌ଡବ୍ଲ୍ୟୁ ଗ୍ରୁପର ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ସବୁବେଳେ ସିଏସ୍‌ଆର କାର୍ଯ୍ୟକଳାପ ମାଧ୍ୟମରେ ମହିଳା ସଶକ୍ତୀକରଣ ଉପରେ ସର୍ବଦା ଧ୍ୟାନ ଦେଇଆସୁଛି। ଜେଏସଡବ୍ଲ୍ୟୁ ଫାଉଣ୍ଡେସନ୍ ବିପିଏସ୍ଏଲ୍ ସମ୍ବଲପୁର ଓଡ଼ିଶା କୋପ୍ ଅନ୍ତର୍ଗତ ସମବାୟ ସମିତି ଲିମିଟେଡ୍ ପଞ୍ଜିକରଣ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଦକ୍ଷତା ବିକାଶ, ଋଣ ସେବା ଏବଂ ସାମାଜିକ ନିରାପତ୍ତା ପାଇଁ ପ୍ଲାଟଫର୍ମ ପ୍ରଦାନ କରୁଥିବାବେଳେ ଏସ୍ଏଚ୍‌ଜି ଗୋଷ୍ଠୀର ଜୀବିକା ପଦକ୍ଷେପକୁ ମାଇକ୍ରୋ ଉଦ୍ୟୋଗରେ ପ୍ରୋତ୍ସାହିତ କରିବାକୁ ଏହି ପଦକ୍ଷେପ ଲକ୍ଷ୍ୟ ରଖିଛି। ମୂଳ ଉଦ୍ଦେଶ୍ୟ ହେଉଛି ୨୦୦୦ରୁ ଅଧିକ ମହିଳାଙ୍କୁ ସଂଯୋଗ କରିବା। ଆୟ ସୃଷ୍ଟି କରିବା ପାଇଁ ସୁଯୋଗ ପ୍ରଦାନ କରିବା ଏବଂ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା। ଜେଏସଡବ୍ଲୁ ଫାଉଣ୍ଡେସନର ସିଏସଆର ମୁଖ୍ୟ ବିଶାଲ ରାଜ ମହିଳାମାନଙ୍କର କେନ୍ଦ୍ରୀୟ ଭୂମିକା ଉପରେ ଆଲୋକପାତ କରିଥିଲେ। ବ୍ୟାଙ୍କ ମ୍ୟାନେଜର ସୁମିତ କୁମାର ବ୍ୟାଙ୍କ ସେବା ତଥା ସହଜ କ୍ରେଡିଟ୍ ଲିଙ୍କେଜ୍ ସୁବିଧା ଉପରେ ଗୁରୁତ୍ୱାରୋପ କରିଥିଲେ।



# ମରଣଯନ୍ତା ପାଲଟିଛି ଜାତୀୟ ରାଜପଥ

## ସମ୍ବଲପୁର-ଜମନକିରା ରାସ୍ତା ଶୋଚନୀୟ

**ଜମନକିରା, ୨୨।୩(ସମିସ):** ମୁମ୍ବାଇରୁ କୋଲକାତାକୁ ସଂଯୋଗ କରୁଥିବା ୫୩ନମ୍ବର ଜାତୀୟ ରାଜପଥ ଅବସ୍ଥା ସମ୍ବଲପୁର ଜିଲ୍ଲା ଜମନକିରାଠାରୁ ଜୟନ୍ତପୁର ପର୍ଯ୍ୟନ୍ତ ଅତି ଶୋଚନୀୟ ହୋଇଛି। ଏହି ରାଜପଥ ସମ୍ବଲପୁର ଜିଲ୍ଲା ଠାରୁ ଦେବଗଡ଼ ଜିଲ୍ଲା ପର୍ଯ୍ୟନ୍ତ ଦୀର୍ଘ ୯୦କିଲୋମିଟର ରାସ୍ତା ପ୍ରଶସ୍ତୀକରଣ ପାଇଁ ଏକ ଘରୋଇ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। ୫ବର୍ଷରେ କାର୍ଯ୍ୟ ସାରିବା ପାଇଁ ଟେଣ୍ଡର ହୋଇଥିଲା। କାର୍ଯ୍ୟ ମଧ୍ୟ ସରିଯାଇଛି। ତେବେ ନିମ୍ନମାନର କାମ ହୋଇଥିବାରୁ ଏବେ ବିଭିନ୍ନ ସ୍ଥାନରେ ଫାଟ ଓ ଗାତ ହୋଇଯାଇଛି। ଗୌଡ଼ପାଲି ଠାରୁ ଜମନକିରା ଦୀର୍ଘ ୨୫କିମି ପର୍ଯ୍ୟନ୍ତ ଅଭୟାରଣ୍ୟ ପରିସୀମା ମଧ୍ୟରେ ଥିବାରୁ ଏହି ରାସ୍ତା ପାଇଁ ଟେଣ୍ଡର ହୋଇନାହିଁ। ଏହି ରାସ୍ତା ଦେଇ ବହୁ ଭାରି ଯାନବାହନ ଯିବାଆସିବା କରିଥାନ୍ତି। ଏହି ଓଭର ଲୋଡ଼ିଙ୍ଗ ଯାନବାହନ ଯୋଗୁଁ ଏହି ଦୁଇଥାକିଆ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ଜମନକିରା ଠାରୁ ଗୌଡ଼ପାଲି ପର୍ଯ୍ୟନ୍ତ ରାସ୍ତା ଗାଡ଼ଖାଲ ହୋଇପଡ଼ିରହିଛି। ଯାହା ଫଳରେ ଅନେକ ଦୁର୍ଘଟଣା ଘଟୁଛି। ଏ ନେଇ ବାରମ୍ବାର ଖବର ପ୍ରକାଶ ପାଉଥିଲେ ମଧ୍ୟ ଏନ୍ଏଚ୍ଏଆଇ ବିଭାଗ କିଛି ଶୁଣିନାହିଁ। ବେଳେ ନାମକୁ ମାତ୍ର ମରାମତି କରାଯାଉଛି। ଫଳରେ କିଛି ଲାଭ ହେଉନାହିଁ। ସେହିପରି ପିଠାମାରେନ ପୋଲ ଅବସ୍ଥା ମଧ୍ୟ ଅତି ବିପଦସଂକୁଳ ଅବସ୍ଥାରେ ଅଛି। ପୋଲରେ ବଡ଼ ବଡ଼ ଗର୍ତ୍ତ ହୋଇ ଏଥିରେ ଲାଗିଥିବା ଲୁହାରଡ଼ ଉପରକୁ ଦେଖାଯାଉଛି। ଯାହା ଅତି ବିପଦ ଅଟେ ଓ ବ୍ରିଜର ଉଭୟ ପାର୍ଶ୍ୱରେ ଥିବା ସେଫ୍‌ଟି କାନ୍ଥ ମଧ୍ୟ ଭାଙ୍ଗିଯାଇଛି। ଯାହାକି ବିପଦକୁ ନିମନ୍ତ୍ରଣ କରୁଛି। ଜିଲ୍ଲାପାଳଙ୍କ ଜନଶୁଣାଣି ବେଳେ ରାଜପଥ ଗୌଡ଼ପାଲି ଠାରୁ ଜମନକିରା ପର୍ଯ୍ୟନ୍ତ ସ୍ଥାଇ ରାସ୍ତା ନିର୍ମାଣ ଦାବି ହୋଇଥିଲା। ଏନ୍ଏଚ୍ଏଆଇ ଠାରେ ମଧ୍ୟ ଅଞ୍ଚଳବାସୀ ଦାବି କରିଥିଲେ। କେବଳ ପ୍ରତିଶ୍ରୁତି ମିଳିଛି। ସମ୍ବଲପୁର, କୁଚିଣ୍ଡା ଓ ଦେବଗଡ଼ ପାଇଁ ଏହିରାସ୍ତା ଏକ ମୁଖ୍ୟରାସ୍ତା। ଏବିଷୟରେ ଏନ୍ଏଚ୍ଏଆଇ ଅଧିକାରୀ ନିତିନ ଗୁପ୍ତାଙ୍କୁ ପଚାରିବାରୁ ଅଳ୍ପ ସମୟ ମଧ୍ୟରେ ଏହି ରାସ୍ତା ମରାମତି କରାଯିବ ବୋଲି କହିଛନ୍ତି।



**ପ୍ରତ୍ୟହ ଧନଜୀବନ ନଷ୍ଟ ହେଉଛି ଏନ୍ଏଚ୍ଏଆଇ ନିରବଦ୍ରଷ୍ଟା**

## ଦୁର୍ଘଟଣାକୁ ନିମନ୍ତ୍ରଣ କରୁଛି

**କୁଚିଣ୍ଡା, ୨୨।୩(ସମିସ):** କୁଚିଣ୍ଡାର ନୂତନ ବାଇପାସ୍ ରାସ୍ତା ତଥା ୪୯ନମ୍ବର ରାଜପଥର ପତ୍ରାପାଲି ଠାରୁ ଭୋଜପୁର ପର୍ଯ୍ୟନ୍ତ ବହୁ ସ୍ଥାନରେ ଖାଲଢିପ, ତଳଉପର ହୋଇରହିଛି। ଫଳରେ ଯାତାୟାତ ସମୟରେ ଯାନବାହାନ ଠାରୁ ସାଧାରଣ ପଥଚାରୀ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅନେକ ଧନଜୀବନ ନଷ୍ଟ ହେଉଛି। ଜାତୀୟ ରାଜପଥ ପ୍ରାଧିକରଣ ଏ ଦିଗରେ ପଦକ୍ଷେପ ଗ୍ରହଣ କରୁ ନଥିବାରୁ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଭୋଜପୁର ରେଙ୍ଗାଲବେଡା ମଧ୍ୟରେ ଯେପରି ରାସ୍ତାର ଉଭୟ ପାର୍ଶ୍ୱରେ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି ଠିକ୍ ସେହିପରି ଅତ୍ୟନ୍ତ ପକ୍ଷେ ଲାଡ଼ଛକ ଠାରୁ ପତ୍ରାପାଲି ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବିଜୁଳି ବ୍ୟବସ୍ଥା ସାଙ୍ଗକୁ ରାସ୍ତା



କଡ଼େକଡ଼େ ଲୁହା ବେରୀକ୍ୟାଡ଼ ବ୍ୟବସ୍ଥା କରାଗଲେ ଦୁର୍ଘଟଣା କମିପାରନ୍ତା ବୋଲି ବୁଦ୍ଧୀଜୀବ ମାନେ କହିଛନ୍ତି। ଜାତୀୟ ରାଜପଥ ଅଧିକାରୀ ତୁରନ୍ତ ଏହି ଜାତୀୟ ରାଜପଥ ପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

